# ଦ୍ୱିତୀୟ ଅଧ୍ୟାୟ

# ବାଥୁଡ଼ି ଲୋକଗୀତ

କ)　ବଡ଼ାମ ଲୋକଗୀତ

ଖ)　ବିବାହ ଲୋକଗୀତ

ଗ)　ଦୋଳି ଲୋକଗୀତ

ଘ)　ଶିଶୁ ଲୋକଗୀତ

ପରିଶ୍ରମର ଅପନୋଦନ, ପ୍ରେମର ପରିପ୍ରକାଶ, ଆନନ୍ଦ, ସାମୂହିକ ଶାନ୍ତି, ସାମୂହିକ ଭାବେ ଶୋକର ପରିପ୍ରକାଶ ପାଇଁ ବାଥୁଡ଼ି ଜନଜାତି ଜଣାଶୁଣା। ଚାଷ କରିବା, ଶିକାର କରିବା ଓ ମାଛ ଧରିବା ସହ ପ୍ରତ୍ୟେକ ପର୍ବପର୍ବାଣୀରେ ତା'ର ମୁଖରୁ ସ୍ୱତଃ ଝରଣାର ବାରି ଝରିଆସେ ଲୋକଗୀତ। ଏହି ଲୋକଗୀତ ସେମାନଙ୍କ ଭାଷାରେ ଓ ଶବ୍ଦର ଉଚ୍ଚାରଣରେ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ।

'ଲୋକଗୀତ' ଅନ୍ୟ ବିଭାବ ଅପେକ୍ଷା ଅଧିକ ପ୍ରଭାବଶାଳୀ। ସବୁ କ୍ଷେତ୍ରରେ ଏହାର ଉପଯୋଗିତା ଓ ଆବଶ୍ୟକତା ରହିଛି। ଜଣେ ବ୍ୟକ୍ତିଠୁ ଆରମ୍ଭ କରି ସାମୂହିକ ପର୍ଯ୍ୟନ୍ତ ଏହାର ସ୍ରଷ୍ଟା। ଏହା କାହାରି ନାମରେ ଭଣତି ହୁଏ ନାହିଁ। ଏହା ଯେପରି ରସାଣିତ, ସେପରି ଶ୍ରୁତିମଧୁର ମଧ୍ୟ।

ଲୋକଗୀତ କେବେ ସୃଷ୍ଟି ହେଲା, କହିବା ସମ୍ଭବ ନୁହେଁ। ତଥାପି ମଣିଷର ଜନ୍ମରୁ ପ୍ରଥମେ ପ୍ରକୃତି ହୋଇଛି ଉପାଦାନ। ତାକୁ ନେଇ ତା' କଣ୍ଠରୁ ଝରି ପଡିଛି ସ୍ୱତଃସ୍ଫୁର୍ତ୍ତ ଲୋକଗୀତ। ଯାହା ହୃଦୟକୁ ପୁଲକିତ ଓ ରୋମାଞ୍ଚ ଭରିବା ସହ ଜୀବନକୁ କରିଛି ଆନନ୍ଦମୟ। ଆକାଶ, ଚନ୍ଦ୍ର, ତାରା, ବର୍ଷା, ବିଜୁଳି, ପର୍ବତ, ବଣ ଜଙ୍ଗଲ ଓ ଅନ୍ୟାନ୍ୟ ବସ୍ତୁ ଜୀବଜଗତକୁ ଦେଖି ବା ଚତୁଃପାର୍ଶ୍ୱରେ ଥିବା ସମସ୍ତ ଜଗତକୁ ନେଇ ସେ ସୃଷ୍ଟି କଲା ପ୍ରାକୃତିକ ଓ ସ୍ୱାଭାବିକ ଭାବରେ ଲୋକଗୀତ। ଅନାଦି ଚରଣ ଗାଁଣଙ୍କ ମତରେ - ''ଲୋକଗୀତ ଗୁଡ଼ିକ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସାମାଜିକ ବିଧି ବ୍ୟବସ୍ଥାକୁ ସୁସ୍ଥ ସୁନ୍ଦର କରି ଗଢ଼ି ତୋଳେ, କର୍ମ ବିମୁଖ ମାନବକୁ କରାଏ କର୍ମ ତତ୍ପର, ନିରାଶାର ହୃଦୟ କନ୍ଦରରେ ପ୍ରସ୍ଫୁଟିତ କରାଏ ଆଶାର ପଦ୍ମ, ଜୀବନରେ ଭରିଦିଏ ସ୍ନେହ, ପ୍ରୀତି ଓ ମମତାର ଫୁଲଗୁ।''(୧)

ଲୋକଗୀତ ବିଚିତ୍ରବର୍ଣ୍ଣା, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକସାହିତ୍ୟ ବିଭାଗର ଲୋକଗୀତ ହିଁ ସର୍ବଶ୍ରେଷ୍ଠ ଓ ମନର ଭାବକୁ ପ୍ରକାଶ କରିବାର ପ୍ରାଥମିକ ଅଭିବ୍ୟକ୍ତି। ଏଥିରେ ଜୀବନ ଓ ଜଗତ ସଂଯୋଗ ହୋଇ ମଣିଷର ମାନସିକତାକୁ ପ୍ରସ୍ଫୁଟିତ କରେ। ବୃନ୍ଦାବନ ଆଚାର୍ଯ୍ୟ 'ଲୋକଗୀତ'କୁ ୩ ଭାଗରେ ବିଭକ୍ତ କରିଛନ୍ତି। ଯଥା:-

କ) ସାମାଜିକ

ଖ) ଶିକ୍ଷାତ୍ମକ

ଗ)  ଧାର୍ମିକ

ଆଉ କେତେକ କର୍ମମୂଳକ ଓ ନାରୀ ଜୀବନୀମୂଳକ ଭାବରେ ସେ ବିଭକ୍ତ କରିଛନ୍ତି। ପୁଣି ଲୋକଗୀତକୁ ବିଭିନ୍ନ ବିଭାଗରେ ଭାଗ କରାଯାଇଛି। ଯଥା:- କୃଷିଗୀତ, ଖେଳଗୀତ, କାନ୍ଦଣାଗୀତ, ପାଟୁଆଗୀତ, ଦୋଳିଗୀତ, ଡାଲଖାଇ, ରସର୍କେଲି, ବାରମାସୀ, ଚକୁଳିଆପଣ୍ଡା ଗୀତ ଓ ନାନାବାୟା ଗୀତ ଇତ୍ୟାଦି।

ବାଥୁଡ଼ି ଲୋକଗୀତରେ ବେଶଭୂଷା, ପ୍ରେମ ପ୍ରଣୟଚିତ୍ର, ଶ୍ରୀବଡ଼ାମ ଚେତନା, ସାହିତ୍ୟିକ ବିଭବ ରସଚେତନା ଯଥା:- ଶୃଙ୍ଗାର, କରୁଣ, ହାସ୍ୟ, ବୀର, ବାତ୍ସଲ୍ୟ ରସ ଦ୍ୱାରା ରସାଣିତ । ଲୋକକବି ଅଜାଣତରେ ରାଗ ବିଷୟରେ ଜାଣି ନଥିଲେ ମଧ୍ୟ ସାଙ୍ଗିତିକତାର ମାଧୁର୍ଯ୍ୟରେ ସମସ୍ତଙ୍କୁ ମୋହିନିଏ। ଯଥା:-

ଶୃଙ୍ଗାର ରସ- "ଖେଳିମୁ ନାହିଁ ଏ ଖେଳ
ତୁମେ ନଟବର ଭାରି ଖେଚଳ
ଭାରି ଖେଚଳ ହ ଛୁଇଁନେ ଅଛୁଆଁ ଫଳ ।"

କରୁଣ ରସ-
ନାନା ପ୍ରତି "କବାଟ କି କରେ କୁଠେ ଗିଲେରି
ବାବା ଘର ଝିଅ ମୁଇଁ ବୁଲରେ
ବୁଲି ଆସଇଁ କି ଖେଳି ଆସଇଁ
ଅଗୁଡ଼ ଧୁଆ ଘରେ ପସଇଁ
ଅଚିନ୍ତା ନାରିକି କି ଚିନ୍ତା ଦେଲ
ସବୁ ଦୁଖ ମକେ ଧରାଇ ଦେଲ ।"

ହାସ୍ୟ ରସ- "ବେଧୁଣିଟାକୁ ହ
ନାଇଁ ନେବା ଯାତରାକୁ
ବଇତାଲୁ ଫୁଲ ଫୁଟିଛି
ଗିତ ବଲିଦେଲି ଯିବେ ଛିଟିକି
ଯିବେ ଛିଟିକି ହ ପଲିବେ କଣ୍ଟା ନଟିକି ।"

ବୀର ରସ- " ନଇ ପାଣି ହୁକୁ ହୁକୁ
ଆଇ ଟେକିଦେବି ହ ସିଂହାସନକୁ
ସିଂହାସନକୁ ହ ଦେଖିବେ ଜହ୍ନମାମୁକୁ ।"

ବାତ୍ସଲ୍ୟ ରସ- "ବାଲିରେ ଫୁଟିଛି ଫୁଲ
ତର୍ ମା ବାପର ହ ବହୁତ ଗେହ୍ଲା
ବହୁତ ଗେହ୍ଲା ହ ତତେ କରିଛନ୍ତି ମେଲା ।"

ଲୋକଗୀତକୁ ଚକ୍ରଧର ମହାପାତ୍ର ଗାଉଁଲି ଗୀତ ଭାବରେ ଅଭିହିତ କରିଛନ୍ତି। ତାଙ୍କ ମତରେ – ''ଗ୍ରାମ୍ୟଶବ୍ଦ ସାଧାଣତଃ ଗାଁ ଗାହଳିରେ ଗାଉଁଲି ବୋଲି କଥିତ ହୋଇଥାଏ। ଗ୍ରାମର ଲୋକେ ସୃଷ୍ଟି କରୁଥିବା ସଙ୍ଗୀତମାନ ଏବଂ ଯାହାକୁ ସେମାନେ ଆଗ୍ରହାତିଶଯ୍ୟରେ ପ୍ରକୃତ ମର୍ମ ବୁଝି ବ୍ୟବହାର କରିଥାନ୍ତି, ଏମନ୍ତ କି ଯାହା ଗ୍ରାମାନ୍ତର ବ୍ୟାପକ ତାହା ହିଁ ଗାଉଁଲି ଗୀତ।''(୨)

ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ଏକ ଭାଷା ଓଡ଼ିଆ। କିନ୍ତୁ ବ୍ୟବହାର ଓ ଉଚ୍ଚାରଣ ଦୃଷ୍ଟିରୁ ଭିନ୍ନ ଭିନ୍ନ। ଦକ୍ଷିଣ, ଉତ୍ତର, ପଶ୍ଚିମ, ପୂର୍ବ ସବୁଠି ଉଚ୍ଚାରଣର ପାର୍ଥକ୍ୟ ଦେଖିବାକୁ ମିଳେ। ପୁଣି ଆଞ୍ଚଳିକ ଭେଦରେ ଜାତି ଭେଦରେ, ଗୋଷ୍ଠୀ ଭେଦରେ ଉଚ୍ଚାରଣଗତ ତାରତମ୍ୟ ପରିଲକ୍ଷିତ ହେଲେ ବି ସମସ୍ତେ ଲିଖିତ ରୂପେ ମାନକ ଭାଷା ଓଡ଼ିଆ ହିଁ ବ୍ୟବହାର କରନ୍ତି। ସୁତରାଂ ଲୋକସାହିତ୍ୟ ଓ ବିଦଗ୍ଧ ସାହିତ୍ୟ ଭିତରେ ଏ ଦୃଷ୍ଟିରୁ ଏକ ବ୍ୟାପକ ପାର୍ଥକ୍ୟ ଦେଖିବାକୁ ପାଉ। ବାଥୁଡ଼ି ଲୋକସାହିତ୍ୟ ମଧ ଅନ୍ୟାନ୍ୟ ଅଞ୍ଚଳର ଲୋକସାହିତ୍ୟଠୁ ଭିନ୍ନ। ଆଦିବାସୀମାନଙ୍କ ଭାଷାକୁ ନିମ୍ନମତେ ବିଭାଗୀକରଣ କରାଯାଇପାରେ।

''କ) ଗୋଷ୍ଠୀ ପରିଚିତି ଥାଇ ସ୍ୱବର୍ଗୀୟ ଭାଷା – ସାନ୍ତାଳୀ, ମୁଣ୍ଡାରୀ, ହୋ ଖଡିଆ, ସଉରା, ବଣ୍ଡା ଓରାଓଁ, ଡିଡାୟା, କୋୟା, ଗାଦ୍‌ବା, କୁଇ।

ଖ) ଗୋଷ୍ଠୀ ପରିଚିତି ଥାଇ ମିଶ୍ରିତ ଭାଷା – ବାଥୁଡ଼ି, ଭତରା, ଭୂୟାଁ, କୁରୁମାଳି।

ଗ) ଗୋଷ୍ଠୀ ପରିଚିତି ନ ଥାଇ ଯୋଗାଯୋଗର ଭାଷା – ଦେଶିୟା, ସାଦ୍ରୀ ଇତ୍ୟାଦି।''(୩)

ବାଥୁଡ଼ି ଜାତିର କୌଣସି ସ୍ୱତନ୍ତ୍ର ଲିପି ନାହିଁ। ସେମାନେ ଓଡ଼ିଆ କହନ୍ତି, ଲେଖନ୍ତି କିନ୍ତୁ ମୌଖିକ ଭାଷା ଭିନ୍ନ। ଲୋକ ସାହିତ୍ୟକୁ 'ମୌଖିକ ସାହିତ୍ୟ' ରୂପେ ନାମକରଣ କରି ଚିତ୍ରସେନ ପସାୟତ କହନ୍ତି – ''ସେମାନେ ସମସ୍ତେ ଏକ ଶ୍ରେଣୀଭୁକ୍ତ ନୁହେଁ। ଭାଷାରେ ତାରତମ୍ୟ ରହିଛି। ଆଦିବାସୀ ସାହିତ୍ୟ ମୁଖ୍ୟତ ମୌଖିକ ଲିପିର ପ୍ରଚଳନ ହୋଇ ନଥିବାରୁ ଅଧିକାଂଶ ଆଦିବାସୀ ସାହିତ୍ୟ ଅଦ୍ୟାବଧି ପରମ୍ପରାକ୍ରମେ ଯୁଗ ଯୁଗ ଧରି ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ, ମୁଖରୁ ମୁଖକୁ ଗଡ଼ି ଆସୁଥିବାରୁ ଏହାକୁ ମୌଖିକ ସାହିତ୍ୟର ଅନ୍ତର୍ଭୁକ୍ତ କରାଯାଇପାରେ।।''[(୪)]

କାଶୀ, ବୃନ୍ଦାବନ ଓ ପୁରୀ ପବିତ୍ରସ୍ଥାନ ପରି ବାଥୁଡ଼ିମାନଙ୍କ ପାଇଁ 'ଅଠର ଦେଉଳ'। ଏହା ମୟୁରଭଂଜ ଜିଲ୍ଲାର ଶିମିଳିପାଳରେ ଅଠରଟି ପଥର ଖୋଲକୁ ନେଇ ଗଠିତ। ଯେଉଁଠି ଶ୍ରୀବଡ଼ାମଙ୍କ ନିବାସ ରହିଛି। ଏମାନଙ୍କ ଆରାଧ ଦେବତା 'ଶ୍ରୀବଡ଼ାମ' ହେଉଛନ୍ତି କୃଷିର ଦେବତା ଓ ବଳରାମ ଠାକୁର ପୁଣି ସୃଷ୍ଟିକର୍ତ୍ତା। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସକାଳଠୁ ରାତି, ବୈଶାଖ ମାସଠୁ ଚୈତ୍ର ମାସ ପର୍ଯ୍ୟନ୍ତ ପ୍ରତିଟି କ୍ଷଣର ଜୀବନ ଚିତ୍ର ବାଥୁଡ଼ି ଲୋକସାହିତ୍ୟରେ ଦେଖିବାକୁ ମିଳେ। ଆଉ ଏହି ଲୋକସାହିତ୍ୟରେ 'ଶ୍ରୀବଡ଼ାମ'ଙ୍କ ବର୍ଣ୍ଣନା ବାଥୁଡ଼ି ଲୋକସାହିତ୍ୟକୁ ପୃଥକ କରିଦିଏ।

ଆଦିବାସୀ ଜୀବନଧାରା ସହ ଲୋକଗୀତ ଓତଃପ୍ରୋତ ଭାବେ ଜଡ଼ିତ ହେତୁ ବାଥୁଡ଼ି ଲୋକଗୀତଗୁଡ଼ିକ ସରଳ ହେଲେ ବି ବେଳେବେଳେ ଇଙ୍ଗିତାତ୍ମକ। ଯଥା:-

"ଯମର କାକୁଳି ବାଳି
ବାଛି ବାଛି ଯମ ହ ଖାଇବ ତୁଳି
ଖାଇବ ତୁଳି ହ ଯମର ଅଶୁଭ ଗାଡ଼ି।"

ସୁନ୍ଦର, ରୂପକଳ୍ପନା ଓ ସହାବସ୍ଥାନରେ ପାରମ୍ପରିକ ଚଳଣି ଦ୍ୱାରା ଏହା ଆବଦ୍ଧ। ସେଥିପାଇଁ ତା'ସାମ୍ନାରେ ଥିବା ଲାଉଡଙ୍କ, ବିରିବାଡ଼ି, କୟାଁ, ମହୁଲ, ଭାଲିଆ, ପଣସଗଛ, ବାଉଁଶପତ୍ର, କଳାହାଣ୍ଡିଆ ମେଘ, ପିତାଶାଗ ଏସବୁ ପ୍ରତିଟି ପ୍ରାତ୍ୟହିତ ଜଡଜୀବନଧାରା ସହ ମୁହାଁମୁହିଁ ହେଉଥିବା ଘଟଣାକୁ ଗୀତରେ ପ୍ରକାଶ କରିଦିଏ।

କୁଞ୍ଜବିହାରୀ ଦାଶ ଲୋକଗୀତକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି –

କ) ବୋଲା ହେଉଥିବା ଗୀତ

ଖ)    ବୋଲା ହେଉ ନଥିବା ଗୀତ

ପୁଣି ବୋଲା ହେଉଥିବା ଗୀତକୁ ଦୁଇଭାଗରେ ବିଭକ୍ତ କରିଛନ୍ତି ଯଥା:-

କ)    ମୌଖିକ

ଖ)    ରଚିତ

ମୌଖିକ ଭାବେ ହଳିଆଗୀତ, କାନ୍ଦଣାଗୀତ, ପିଲାଭୁଲାଣିଆ ଓ ପିଲାଙ୍କ ଖେଳଗୀତ ଓ ଦୋଳିଗୀତକୁ ନେଇଛନ୍ତି।

କିନ୍ତୁ ଚକ୍ରଧର ମହାପାତ୍ର ଲୋକଗୀତକୁ ଆଠ ଭାଗରେ ବିଭକ୍ତ କରିଛନ୍ତି। ଯଥା:-

କ)    ବୋହୁଙ୍କ ସୁଖଦୁଃଖ ଗୀତିକା।

ଖ)    କିଶୋରୀଙ୍କ ମେଳ ଗୀତିକା।

ଗ)    ଗାଆଁ ପିଲାଙ୍କ ଖେଳ ଗୀତିକା।

ଘ)    ଗାଆଁ ପିଲାଙ୍କ ଢଗ।

ଙ)    ଗ୍ରାମ୍ୟ ବନ୍ଦନା ଗୀତ।

ଚ)    ପୋଥି ଗୀତିକା

ଛ)    କୃଷକ ଗୀତିକା

ଜ)    ପରିଶିଷ୍ଟ ଗୀତିକା

ବିଷୟ ବସ୍ତୁର ସୁବିଧା ଦୃଷ୍ଟିରୁ ବାଥୁଡ଼ି ଲୋକଗୀତକୁ ଆମେ ୪ ଭାଗରେ ବିଭକ୍ତ କରିପାରିବା। ଯଥା:-

କ)    ବଡ଼ାମ ଗୀତ।

ଖ)    ବିବାହ ଗୀତ।

ଗ)    ଦୋଳି ଗୀତ।

ଘ)    ଶିଶୁ ଗୀତ

## କ) ବଡ଼ାମ ଗୀତ:

'ଆଦି ଶୂନ୍ୟଗୁପ୍ତ ପୁରାଣ'ରେ ନିରାକାର ବ୍ରହ୍ମଙ୍କୁ 'ଶିବ' ରୂପେ କଳ୍ପନା କରାଯାଇଛି। ସେଇଥିପାଇଁ ବାଥୁଡ଼ି କାଶୀରେ ବିଶ୍ୱନାଥ, ପୁରୀରେ ଜଗନ୍ନାଥ, ଝାଡଖଣ୍ଡରେ ବଳରାମ ଠାକୁର ବୋଲି କହିଥାଏ।

'ଶ୍ରୀ ବଡ଼ାମ ପୁରାଣ' ଅନୁଯାୟୀ ଶ୍ରୀ ବଡ଼ାମ ସ୍ୱୟଂ ନିରାକାର ପରଂବ୍ରହ୍ମ। ତାଙ୍କ ଅଂଶରୁ ମତ୍ସ୍ୟ, କଚ୍ଛପ, ଶୁକର, ନୃସିଂହ, ବାମନ ପ୍ରଭୃତି ଦଶ ଅବତାର ଗ୍ରହଣ କରିଛନ୍ତି। ଜଗତର ହିତପାଇଁ ପୁଣି ସ୍ୱୟଂ ବଡ଼ାମ ଶେଷ ନାଗରୂପେ ପୃଥିବୀକୁ ବହନ କରି ରହିଛନ୍ତି। ଦ୍ୱାପର ଯୁଗରେ ବଳରାମଙ୍କୁ ଶେଷଦେବଙ୍କ ଅବତାର ରୂପେ ଗ୍ରହଣ କରାଯାଏ। ବଳରାମଙ୍କ ଆୟୁଧ ଲଙ୍ଗଳ। ବାଥୁଡ଼ିମାନେ ବଣଜଙ୍ଗଲ ପରିତ୍ୟାଗ କରିବାପରେ ଚାଷବାସରେ ନିଜକୁ ନିୟୋଗ କଲେ। ପରେ ଗ୍ରାମ ବସାଇ ବିଭିନ୍ନ ଶାଳମାନ ସ୍ଥାପନା କରିଥିଲେ। ଏହି ଶାଳରେ ଭଙ୍ଗା ଲଙ୍ଗଳ ଯୁଆଳି ରଖି ସେମାନେ ପୂଜା ଆରାଧନା କଲେ।

ପୁରାଣକାରଙ୍କ ମତରେ –

''ରଖିଣ ଲଙ୍ଗଳ ଯୁଆଳି,
ଶାଳ ଗ୍ରାମେ ଦେଇ ବାଇକୁଣ୍ଡଳୀ
ଏ ଭାବେ ବଡ଼ାମ ବଡ଼ାମଣୀ
ପୂଜିମ ଧନେ କୁଳ ଘେନି।''(୫)

କେବଳ ସେତିକି ନୁହେଁ ବାଥୁଡ଼ିମାନେ ଚାଙ୍ଗୁ ବଜାଇ ବଡ଼ାମ ବନ୍ଦନା କଲାବେଳେ ଗାଇଥାଆନ୍ତି –

''ସିରି ରାମ, ରାମ ତଳେ
ହରି ରାମ, ରାମ।
ସିତଳ ବଉଳ ମୁଳେ ଡଣ୍ଡେ ବିସିରାମ
କୃଷ୍ଣ ନାମ ଭଜମନ, ହରି ନାମ ଭଜ

ଜିବନ ଥିବ ଯେତେ ଦିନ।''[୬]

ପୁଣି ସେ ଗାଏ -

''କାଟି ଗନି ମୁଣ୍ଡା ତଳେ ... କାଟିଗନି ମୁଣ୍ଡା
ଏଇ ପଦ ବନ୍ଦାଣ ନାଗିରେ ବଡ଼ାମରେ ବୁଢ଼ା
ମଞ୍ଚପୁରେ କୁଟିନି ଅକତା
ସ୍ୱର୍ଗପୁରେ ବନ୍ଦିଲି ଦେବତା।''[୭]

ଏହି ବନ୍ଦାଣରେ 'ବଡ଼ାମ' ଠାକୁରଙ୍କ ବ୍ୟତୀତ ବଡ଼ାମଙ୍କ ସ୍ତ୍ରୀ, ବୁଡ଼ାମ ବୁଢ଼ୀ, ତା'ପରେ ବଡ଼ାମଙ୍କ ନାତି, ନାତୁଣୀ, ପୁଅ, ବୋହୂ ଏହି ସମସ୍ତଙ୍କୁ ମଧ୍ୟ ସେ ବନ୍ଦାଣ କରିବାରେ ଅବହେଳା କରେ ନାହିଁ। ବାଥୁଡ଼ି ନିଜକୁ ଶ୍ରୀବଡ଼ାମଙ୍କ ବଂଶଧର ବା ପରିବାରର ଅଂଶରୂପେ ପରିଚୟ ଦେଇ ସେ ଏହି ବନ୍ଦାଣ ଗାଇଥାଏ।

ବନ୍ଦାଣ ଗୀତରେ ଆମେ ଅନେକ ପ୍ରାଚୀନ ଶବ୍ଦ ସହ ଅଳଙ୍କାର ପ୍ରତୀକ ଓ ଉପମା ଲକ୍ଷ୍ୟ କରିପାରିବା। ଏହି ବନ୍ଦାଣରେ ପ୍ରଥମ ପଦ ସହ ଦ୍ୱିତୀୟ ପଦର କୌଣସି ଅର୍ଥ ଦୃଷ୍ଟିରୁ ମେଳ ଖାଏ ନାହିଁ। ଏହି ବନ୍ଦାଣଟି ବାଥୁଡ଼ିମାନଙ୍କ ଶ୍ରେଷ୍ଠ ଲୋକଗୀତ ହିସାବରେ ସମସ୍ତଙ୍କ ମୁଖରେ ରହୁଥିବାରୁ ଚାଙ୍ଗୁବାଦ୍ୟର ପ୍ରଥମରେ ଏହା ଶୁଣାଯାଏ। ଏଥିରେ ପ୍ରଥମ ପଦ ୧୦ଟି ଅକ୍ଷର ବିଶିଷ୍ଟ ଏହାକୁ ଘୋଷା କୁହାଯାଏ। ଏହି ପଦରେ ପାରିପାର୍ଶ୍ୱିକ ଅବସ୍ଥା, ସମୟର ଆବାହନ, ଜନ ଓ ଜୀବନର ଭିତ୍ତି ଦୃଶ୍ୟମାନ ହୋଇଥାଏ।

ଯଥା:-

୧) କାଟିଗନି ମୁଣ୍ଡା ତରେ ... କାଟିଗନି ମୁଣ୍ଡା

୨) କୁହ୍ଲେଇ ମାଇନି ଗୁଡ଼ି ତଳେ ... କହ୍ଲେଇ ମାଇନି ଗୁଡ଼ି

୩) କାଟି ଗନି ରୁଅ ତଳେ ... କାଟି ଗନି ରୁଅ।

ଏହି ଘୋଷା ବା ପ୍ରଥମ ପଦ ସହ ଅନ୍ୟପଦ ସଂଯୋଗ କରାଯାଏ। ସଂଯୋଗରେ ଗୀତିକାରର ଚିନ୍ତାଧାରା, ଜୀବନ ଚଳଣିର କଥା, ଅଭିବ୍ୟକ୍ତି, ଅଭିପ୍ସା ଓ ମନସ୍ତତ୍ତ୍ୱ ପ୍ରକଟିତ ହୁଏ।

ଉଦାହରଣ:-

''କାଟିଗନି ରୁଅ ତରେ ... କାଟି ଗନି ରୁଅ
ଏଇ ପଦ ବନ୍ଦାଣ ଲାଗଇରେ ବଡ଼ାମର ପୁଅ
ପାଚିଛି ଜାଉଁରି କଳି ବସିଛି ହରଳ
ମାରିବି ବାଟୁଲି ଖଡା ଛିଣ୍ଡି ଯିବ ଡାଳ
ଉତ୍ତମ ଗଙ୍ଗା ଜଳ।''(୮)

'ଶ୍ରୀ ବଡ଼ାମ'ଙ୍କୁ ନେଇ 'ଓଁ ଶ୍ରୀ ଶ୍ରୀ ବଡ଼ାମ ପୁରାଣ' ରଚନା କରାଯାଇଛି। କିନ୍ତୁ ରଚୟିତାଙ୍କ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ନୁହେଁ। ପ୍ରାଚୀନ ଗ୍ରନ୍ଥ ଗୁଡ଼ିକରେ ବିଶେଷ କରି କାଳିଦାସ, ଅଶ୍ୱଘୋଷ, ଭବଭୂତି ଓ ମାଘଙ୍କ ପରି ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟରେ ସାରଳା ଦାସ, ମାର୍କଣ୍ଡ ଦାସ, ବଳରାମ ଦାସ ପ୍ରମୁଖ କବିଗଣ ଆତ୍ମ ବିବରଣୀ ପ୍ରଦାନ ଏକ ଅହଂକାରପୂର୍ଣ୍ଣ ଆତ୍ମବଡ଼ିମା କାର୍ଯ୍ୟରୂପେ ବିବେଚନା କରିଛନ୍ତି। ପୁଣି ପୁରାଣ ରଚୟିତାମାନେ ନିଜକୁ ମୁର୍ଖ ଅପଣ୍ଡିତ ଇତ୍ୟାଦି କହି ଦୈନ୍ୟଭାବ ପ୍ରକାଶ କରିବା ଏକ ପରମ୍ପରା ରହି ଆସିଛି। ଏହି ପରମ୍ପରାକୁ ଚକ୍ରଧର ମଧ ଅନୁସରଣ କରି ବଡ଼ାମଙ୍କ ମହିମା ବର୍ଣ୍ଣନା କରିବାକୁ ବଡ଼ାମଙ୍କ ନିକଟରେ ନିବେଦନ କରିଛନ୍ତି।

ବଡ଼ାମଙ୍କ ମହିମା ବର୍ଣ୍ଣନା ପୂର୍ବରୁ ଚକ୍ରଧର ଅଲେଖ ଶୂନ୍ୟଙ୍କୁ, ଜଗତର ନାଥ ଜଗନ୍ନାଥ ଓ ଗୁରୁଦେବଙ୍କୁ ସ୍ମରଣ କରିଛନ୍ତି। ତାଙ୍କ ମତରେ ସେ ହିଁ ରାମକୃଷ୍ଣ, ସୀତାରାଧା, ରାଧାକୃଷ୍ଣ ଯୁଗଳ ମୂର୍ତ୍ତୀ, ସଚ୍ଚିଦାନନ୍ଦ ମୂର୍ତ୍ତୀ, ସେହିଁ ପୁରୁଷୋତ୍ତମ ଓ ସର୍ବୋପରି ସେ ହିଁ ଠାକୁର ବଡ଼ାମ। ସମସ୍ତେ ଏକ ଓ ନିରାକାର। ପୁଣି ସରସ୍ୱତୀ ଦେବୀକୁ ବନ୍ଦନା କଲାବେଳେ ଶାରଳା ବୋଲି ସମ୍ଭାଷଣ କରୁଛନ୍ତି।

ଚକ୍ରଧର ନିରାକାରଙ୍କ ଗୁଣ, ମହିମା, ବର୍ଣ୍ଣନା କରୁ କରୁ ଶେଷରେ ତାଙ୍କୁ ବଡ଼ାମଙ୍କ ଠାରେ ଲୀନ କରିଦେଇଛନ୍ତି। ତାଙ୍କ ମତରେ ବଡ଼ାମ ହିଁ ସକଳ ଶକ୍ତିର ଆଧାର। ବଡ଼ାମ ହେଉଛନ୍ତି ନିରାକାର, ଶୂନ୍ୟବ୍ରହ୍ମ ଓ ଆଦ୍ୟ ଓଁକାର।

ଚକ୍ରଧର ଦାସଙ୍କ ରଚିତ ପୁରାଣଟି ଓଡ଼ିଆ ସାହିତ୍ୟର ପଞ୍ଚସଖା ବୈଶିଷ୍ଟ୍ୟ ସହ ସମ୍ପୂର୍ଣ୍ଣ ମେଳ ଖାଏ, କାରଣ ପଞ୍ଚସଖା ଧର୍ମରେ ଶୂନ୍ୟବାଦର ପରିକଳ୍ପନା ହୋଇଛି। ସେମାନେ ଭଗବାନଙ୍କୁ ନିରାକାର ଓ ନିର୍ଗୁଣ ଅଲେଖ, ଅଣାକାର ଓ ନିରଞ୍ଜନ ଇତ୍ୟାଦି ନାମରେ ନାମିତ କରିଛନ୍ତି। ଏହାକୁ କବି ଚକ୍ରଧର ମଧ୍ୟ ଅନୁସରଣ କରି 'ବଡ଼ାମ' ଠାକୁରଙ୍କୁ ସ୍ଥାନିତ କରିଛନ୍ତି।

ବାଥୁଡ଼ିମାନଙ୍କ ଇଷ୍ଟଦେବତା 'ବଡ଼ାମ'। ବାଥୁଡ଼ିମାନଙ୍କ ମତରେ ବଡ଼ାମ ହେଉଛନ୍ତି, ସେମାନଙ୍କ ସୃଷ୍ଟିକର୍ତ୍ତା, ସେ କୃଷିର ଦେବତା, ସେ ଜଗନ୍ନାଥ, ସେ ବଳରାମ। 'ବଡ଼ାମ' ନାମ ନ ନେଇ କୌଣସି ଶୁଭକାମ କରାଯାଏନା। ପ୍ରତିଟି କ୍ଷେତ୍ରରେ ବାଥୁଡ଼ି ତା'ର ଇଷ୍ଟଦେବଙ୍କୁ ସ୍ମରଣ କରେ। ବାଥୁଡ଼ି ଗାଏ –

''ବଡ଼ାମ ହେ ବଡରାଜା ହେଲେ ବଧିର
ସତ୍ୟ ଯୁଗେ ନିରାକାର
ତ୍ରେତୟାରେ ରଘୁବିର
ଦ୍ୱାପର ଯୁଗରେ ବଳରାମ ଠାକୁର ହେ
ବଳରାମ ଠାକୁର (୯)

ଯୁବକଯୁବତୀ ଯାତ୍ରା କାଳରେ, କୌଣସି କଠିନ କାମ କରିବା ପୂର୍ବରୁ, ଦୁର୍ଗମ ଅଞ୍ଚଳକୁ ଯାତ୍ରାବେଳେ, ନିଶୁନ ରାତିର ପ୍ରହରରେ ଯିବାବେଳେ ସେ 'ଜୟ ବଡ଼ାମ' କହି ଆଗକୁ ମାଡ଼ି ଚାଲେ। 'ବଡ଼ାମ ଠାକୁର' ତାଙ୍କୁ ଅଭୟ ପ୍ରଦାନ କରନ୍ତି। ଯେକୌଣସି ଗୀତ ହେଉ, ଯଥା:- ବିବାହ ଗୀତ, ଦୋଳି ଗୀତ, ଗାଇବା ପୂର୍ବରୁ ସେ ବଡ଼ାମ ନାମକୁ ନେଇଥାଏ। ସର୍ବୋପରି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ତ୍ରାଣକର୍ତ୍ତା ଓ ରକ୍ଷାକର୍ତ୍ତା। ଚାଙ୍ଗୁ ନାଚରେ ପ୍ରଭୁ 'ବଡ଼ାମଙ୍କ ଜଣାଣ ଆକାରରେ ବାଥୁଡ଼ି ଗାଏ –

''କାନ୍ତ ପଲଙ୍କେ ବସି ଶୁଣ ମ ବାଣି – ଗ ଶୁଣ ମ ବାଣି
ଆହା ଶୁଣ ମ ବାଣି
ଦେଖ ମର ପ୍ରିୟ ହ ... ମର ପ୍ରିୟ ଯାଇଛନ୍ତି, ନିର ଆଣି
ନିର ଆଣି ଯାଇ ପ୍ରଭୁ ହଇଲେ ବଣା
ହଇଲେ ବଣା ....

ଦେଖ ନିକୁଞ୍ଜ ହ ... ନିକୁଞ୍ଜ ବନରେ ପୁଷ୍ପ କଲେ ଟଣା / ନିକୁଞ୍ଜ ବନରେ ପୁଷ୍ପ ଫୁଟିଅଛି, ଗ ଫୁଟିଅଛି, ଆହା ଫୁଟିଅଛି / ଦେଖ ଷଳ ଖଂଜା ହ, ଷଳ ଖଂଜା ଆହା, ମର ଯାଉ ଫିଟି ।[୧୦]

ଏହା ବ୍ୟତୀତ ବାଥୁଡ଼ି ଗ୍ରାମଗୁଡ଼ିକରେ 'ବାସୁକୀଶାଳ' ବା 'ବାସେଳି ଶାଳ' ଦେଖିବାକୁ ମିଳୁଥିବାରୁ ସେମାନେ ଶକ୍ତିର ଉପାସକ ଥିଲେ ବୋଲି ପ୍ରତ୍ୟୟମାନ ହୁଏ ।

''ବାସୁକୀ ଉପାସନା ପରି ବସୁ ବା ବଡ଼ାମ ପୂଜାକୁ ମଧ୍ୟ ଗୁରୁତ୍ୱ ଦେଇଥାଏ । ବଡ଼ାମଙ୍କୁ ଶୂନ୍ୟପୁରୁଷ ଆଦିଦେବ ରୂପେ ବାଥୁଡ଼ି ସଂପ୍ରଦାୟ ବିଶ୍ୱାସ କରେ । ତେଣୁ ପ୍ରତ୍ୟେକ ଗ୍ରାମରେ 'ବଡ଼ାମଶାଳ' ଅଛି । ପ୍ରଥମେ ଏ ଶାଳ ବରଗଛ ଥିବାର ଅନୁମାନ କରାଯାଏ । କାଳକ୍ରମେ ଗାଁ ସ୍ଥାପନ ହେବାରୁ ଆମ୍ବଗଛ ବା ଅଶ୍ୱତଥ୍ ଗଛମୂଳେ ବଡ଼ାମଶାଳ ସ୍ଥାପନା କରାଯାଇ ପୂଜା ଅର୍ଚ୍ଚନା ଚାଲିଛି ।

'ଶୂନ୍ୟ ଆଦିଗୁପ୍ତ ପୁରାଣ' ଅନୁଯାୟୀ ବଡ଼ାମ ଶୂନ୍ୟ ପୁରୁଷ ହୋଇଥିବାରୁ ଏକଦା ତପସ୍ୟା କରିବାକୁ ଶିମିଳିପାଳ ଅଠର ଦେଉଳକୁ ଯାଇଥିଲେ । ଏ ଦୃଷ୍ଟିରୁ ତାହା ତାଙ୍କର ଆଦିସ୍ଥାନ, ତେଣୁ ବାଥୁଡ଼ି ସଂପ୍ରଦାୟ ତାଙ୍କୁ ଆରାଧନା କଲାବେଳେ ମନ୍ତ୍ର ଉଚ୍ଚାରଣ କରିଥାଏ ।

''ଓଁ କ୍ଲିଂ ଶ୍ଲିଂ ଆଦ୍ୟସ୍ଥାନ ଶିମିଳିପାଳ
ଜମୁନା, ବାରଦଣ୍ଡା, ବାରସ ପର୍ବତ, ତେରସ ଖଲ
ତହିଁ ମଧ୍ୟେ ଗୁପ୍ତ ବୃନ୍ଦାବନ କରି ରହିଛ
ସ୍ୱୀ ବଡ଼ାମ ମହାପ୍ରଭୁ
କାସିରେ ବିସନାଥ, ଅଡ଼ିଶାରେ ଜଗନାଥ

ଝାଡଖଣ୍ଡେ ବଡ଼ାମଠାକୁର
ସ୍ରୀ ନୀଳ କନ୍ଦରବାସି ମହାପ୍ରଭୁଙ୍କ ଚରଣେ ସରଣ।''[୧୧]

କାଶୀ, ଓଡ଼ିଶାର ପୁରୀ ପରି 'ଅଠର ଦେଉଳ' ପବିତ୍ର ସ୍ଥାନ। ସେଇ ଝାଡଖଣ୍ଡରେ ବଡ଼ାମ ଠାକୁର ବିରାଜମାନ। ଝାଡ଼ଖଣ୍ଡର ଅର୍ଥ ହେଉଛି ଘଞ୍ଚ ଜଙ୍ଗଲ। ପୂର୍ଣ୍ଣ ଚନ୍ଦ୍ର ଭାଷାକୋଷରେ ଏହାର ଅର୍ଥ ହୋଇଛି - ''ଜଙ୍ଗଲ ମୁଲକ, ବଣୁଆ ରାଜ୍ୟ ବା ଦେଶ, ଯେଉଁ ରାଜ୍ୟ ଜଙ୍ଗଲରେ ପୂର୍ଣ୍ଣ, ଅରଣ୍ୟ ଅଞ୍ଚଳ, ଗଡ଼ଜାତ।''[୧୨] 'ଅଠର ଦେଉଳ' ସ୍ଥାନଟି ଅଠରଟି ଗୁମ୍ଫା ଓ ଖୋଲ ମଧ୍ୟରେ ଅଠରଟି ଉପାସନା ପୀଠକୁ ନେଇ ସୃଷ୍ଟି। ସେମାନଙ୍କ ବିଶ୍ୱାସ ଯେ, ଅଠର ଦେଉଳକୁ ଯାଇ ଠାକୁରଙ୍କ ନିକଟରେ ଅଧିଆ ପଡ଼ିଲେ ଭକ୍ତର ମନୋବାଞ୍ଛା ପୂରଣ ହୋଇଥାଏ। ଏହି ଜନଜାତି ତା'ର ଜୀବନକାଳ ଭିତରେ ଥରେ ହେଲେ ତୀର୍ଥ କ୍ଷେତ୍ରକୁ ଦର୍ଶନ କରିବାକୁ ଉଚିତ୍ ମଣେ। ଚୈତ୍ରମାସର ଅଠର ଦିନରୁ ଅନେକ ବଡ଼ାମକୁଳିଆ ଭାଇ ଭଉଣୀମାନେ ଅଠର ଦେଉଳ ଅଭିମୁଖେ ଯାତ୍ରା କରିଥାଆନ୍ତି। ଏହି ପୂଜା ପାଞ୍ଚ ବା ଛଅ ଦିନ ଲାଗି ରହେ। ଦେହୁରୀ ସହିତ ଭକ୍ତମାନେ ଅଠର ଦେଉଳର ବଡ଼ାମ ଠାକୁରଙ୍କ ନିକଟକୁ ଗଲାବେଳେ ଅନ୍ୟାନ୍ୟ ପାର୍ଶ୍ୱଦେବତାଙ୍କୁ ମଧ୍ୟ ପୂଜା ଦେଇ ଦେଇ ଯା'ନ୍ତି। ପାର୍ଶ୍ୱ ଦେବତାଙ୍କ ନାମ 'ବଡ଼ାମ ପୁରାଣ' ରେ ସୁନ୍ଦର ଭାବେ ବର୍ଣ୍ଣନା ହୋଇଛି।

''ବିଷ୍ଣୁ ମନ୍ଦିରେ ରହିଛନ୍ତି ଜଗନ୍ନାଥ
ରାମରାଜା ଦେଉଳରେ ବିଜେ ରଘୁନାଥ।।
ମହାବୀର ଦଣ୍ଡା ମଧ୍ୟେ ବିଜେ ଛତ୍ରୀବୀର।
ଯୁରନ୍ଦା ବରେହୀପାଣିରେ ଛନ୍ତି ନିରାକାର।।
ସମୀବୃକ୍ଷଠାରେ ରହିଛନ୍ତି ବାସୁଦେବ।
ପାଣ୍ଡବଙ୍କ ଅସ୍ତ୍ରଶସ୍ତ୍ର ଥିଲା ଯେ ଗାଣ୍ଡିବ।।[୧୩]

ଅଠର ଦେଉଳରେ ପୂଜା ସରିଗଲା ପରେ ପ୍ରତ୍ୟେକ ବାଥୁଡ଼ି ଗ୍ରାମରେ 'ବଡ଼ାମ'ଙ୍କୁ ପୂଜା କରାଯାଏ। ସେଥିପାଇଁ ସେ ଚାଙ୍ଗୁଗୀତରେ ଗାଏ।

''ଏ ଉଆ ଚାଉଳ କଞ୍ଚାଦୁଧ ବଡ଼ାମ ବନ୍ଦଇ ବଡ଼ାମ ବନ୍ଦଇଁ

ଏ ପକେଇ ଦିଅ ଚକି ପିଲ୍ହା ବସିବେ ବଡ଼ାମ, ବସିବେ ବଡ଼ାମ

ଏ ପକେଇ ଦିଅ ଚକି ପିଲ୍ହା ବସିବେ ବଡ଼ାମ, ବସିବେ ବଡ଼ାମ

ଏ ସିରି ରାମ ରାମ ରାମ ତଳେ ସିରି ରାମ ରାମ ସିରି ରାମ

ସିତଳ ବଉଳ ମୁଳେ ଡଣ୍ଡେ ବିସିରାମ ଡ଼ଣ୍ଡେ ବିସିରାମ।।''(୧୪)

ଏଥିରେ ଅନେକ ପ୍ରାଚୀନ ଶବ୍ଦ ବା ବାଥୁଡ଼ି ଭାଷା ଦେଖିବାକୁ ମିଳିବ। ଯଥା:- ଡଣ୍ଡେ - କିଛି କ୍ଷଣ, ପିଲ୍ହା - ପିଢା, ହୁଳି - ଛୋଟ ପାହାଡ, କୁଲ୍ ହେଇ - ଗୋଟେଇବା, ଭୁଇଁତାଲୁ - ବୋଇତି କଖାରୁ ଇତ୍ୟାଦିର ପ୍ରଚଳନ ରହିଛି।

'ବଡ଼ାମ'ଙ୍କ ନାମ ମଧ୍ୟ ଅନ୍ୟାନ୍ୟ ଗୀତରେ ଦେଖିବାକୁ ମିଳେ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ, ତଥା ଶୁଭ କାମ ଆରମ୍ଭ ପୂର୍ବରୁ ଓ ଅଶୁଭର ବିନାଶ ପାଇଁ - ବାଥୁଡ଼ି ଇଷ୍ଟଦେବଙ୍କୁ ସ୍ମରଣ କରେ। ସ୍ମରଣ ପୂର୍ବରୁ 'ଜୟ ବଡ଼ାମ' ଧ୍ୱନି ଦେଇ ବାଥୁଡ଼ି ପଥ ପରିଷ୍କାର କରେ। ବିବାହ ଗୀତ ହେଉ, ଦୋଳିଗୀତ ହେଉ, ଶିଶୁଗୀତ ହେଉ କିମ୍ୱା ଚାଙ୍ଗୁଗୀତ ହେଉ ପ୍ରତିଟି ଗୀତରେ ବଡ଼ାମଙ୍କ ଆସ୍ଥାନ ରହିଛି।

ଦୋଳିଗୀତରେ ଦୋଳିପଟା, ଖୁଣ୍ଟ, କିଳା, ବାହୁ, ଧରିତ୍ରୀମାତା, ଦଶଦିଗପାଳ ବନ୍ଦନା ମଧ୍ୟରେ ବଡ଼ାମଙ୍କ ବନ୍ଦନା ବାଥୁଡ଼ି ଭୁଲେ ନାହିଁ। ଯଥା:-

''ଆମ୍ବ ପତ୍ର ଠାକୁ ଠାକୁ

ବନ୍ଦନ କରୁଛି ହ ଦୁଳିପଟାକୁ - ୨

ଦୁଳି ପଟାକୁ ହ

ଦୁଳିଗିତ ବଲିବାକୁ।

ବିଲରେ ଫୁଟଇ କାସି

ବନ୍ଦନ କରୁଛି ହ ଗାଁ ବାସୁକି –୨

ଗାଁ ବାସୁକି ହ

ଦୁଲିରେ ବସିନୁ ଆସି ।

x x x

ଜାଚିଲି ନଙ୍ଗଳ ଜୁଳା

ସାହା ଦେଇଥିବ ହ ବଡ଼ାମ ବୁଢ଼ା – ୨

ବଡାମ ବୁଢ଼ା ହ

ଗିତରେ ନ ଯିବି ଉଡ଼ା ।(୧୫)

'ବଡାମ'ଙ୍କୁ ବାଥୁଡ଼ି ବଡ଼ାମ ବୁଢ଼ା, ବଡ଼ାମ ବୁଢ଼ୀ, ନାତି, ବୋହୂ ରୂପେ ଚିତ୍ରଣ କରେ ।

ବଡ଼ାମଙ୍କ ଆସ୍ଥାନ ଗଛମୂଳ, ଯେଉଁଠି ପ୍ରତ୍ୟେକ ଗ୍ରାମର ବଡ଼ାମଶାଳ ରହିଥାଏ । ସେହିଠାରେ ସମସ୍ତେ ନିଜ ନିଜର ଭଙ୍ଗା ଲଙ୍ଗଳ ଓ ଯୁଆଳି ଆଣି ରଖି ଦେଇ ଯାଆନ୍ତି । ତାଙ୍କ ମତରେ ବଡ଼ାମଙ୍କ ସମ୍ପତ୍ତି ହେଉଛି ଭଙ୍ଗା ଲଙ୍ଗଳ ଓ ଯୁଆଳି । ବଡାମ ପୁଣି ବଳରାମ ଠାକୁର, କୃଷିର ଦେବତା । ସେଥିପାଇଁ ଦୋଳିଗୀତ ଯେପରି ଉଡ଼ି ନ ଯାଇ କଣ୍ଠରେ ବସା ବାନ୍ଧିବ, ସେଇ ଆଶା ଓ ବିଶ୍ୱାସ କରି ବଡ଼ାମଙ୍କ ଠାରେ ମିନତି କରେ ଦୋଳି ଗାଉଥିବା ବ୍ୟକ୍ତି ।

''ଭାଙ୍ଗିଲି ଭାଲିଆ ଡାଳ

ପଥମେ ବନ୍ଦିବି ପୁରି ଦେଉଳ

ପୁରି ଦେଉଳ ହ ଗିତ ହେବ ଚହଳ ।।।

ହାଣିଲି ନଙ୍ଗଳ ମୁଣ୍ଡା ।

ସାହା ହେଇଥିବେ ହ ବଡ଼ାମ ବୁଢ଼ା

ବଡ଼ାମ ବୁଢ଼ା ହ

ଗିତରେ କରିମୁ ଗୁଣ୍ଡା ।(୧୬)

ବାଥୁଡ଼ି ଲଙ୍ଗଳ ପ୍ରସ୍ତୁତି ସମୟରେ 'ଜୟ ବଡ଼ାମ'କୁ ସ୍ମରଣ କରେ ଓ ଧ୍ୱନି ଦେଇ ଲଙ୍ଗଳ ପ୍ରସ୍ତୁତିରେ ଲାଗିପଡ଼େ। ସେହି ଲଙ୍ଗଳ ପ୍ରସ୍ତୁତି କଥା ମନେ ପକେଇ ଦୋଳିଗୀତରେ ମଧ୍ୟ ବଡ଼ାମ ବୁଢ଼ାଙ୍କୁ ବନ୍ଦନା କଲାବେଳେ ପ୍ରଥମେ ସେହି ପଦକୁ ଯୋଗକରି ସେ ଗାଏ।

ଗୋଟିଏ ପଟେ ନିଜର ଗୀତ କଣ୍ଠରେ ବସୁ ବୋଲି ବଡ଼ାମ ବୁଢ଼ାଙ୍କୁ ବନ୍ଦନା କଲାବେଳେ ଆଉ ଗୋଟେ ପଟେ ଅପରର ବା ବିପରୀତ ଦଳ ମାନଙ୍କ କଣ୍ଠକୁ ଗୀତ ଆସୁ ଆସୁ ଉଡିଯାଉ ବୋଲି ବଡ଼ାମ ବୁଢ଼ୀଙ୍କ ନିକଟରେ ନିବେଦନ କରେ। ବନ୍ଦନାରେ ସେ ଗାଏ।

''ଢାବୁଆ ଘରର ବତା
ପରଥମେ ବନ୍ଦିମୁଁ ବନ ଦେବତା
ବନ ଦେବତା ହ ବନ୍ଦିଦେମୁ ବସୁମାତା।।
କୁହ୍ଲାଇଲି ଲାଲ୍‌ଗୁଡ଼ି
ତା'ପରେ ବନ୍ଦିମୁ ବଡ଼ାମ ବୁଢ଼ି
ବଡ଼ାମ ବୁଢ଼ି ହ
ତ ଗିତ ଜାଉ ଜେ ଉଡି।[୧୭]

ପ୍ରତ୍ୟେକ ଆଦିବାସୀମାନଙ୍କ ପର୍ବ ମାନେ ହିଁ ଆଇଁସ ଖାଇବା ଏପରିକି ସଂକ୍ରାନ୍ତି ଥିଲେ ମଧ୍ୟ ପର୍ବମାନେ ଆଇଁସ ସହ ପିଠାପଣା ଖାଇବା ଆଦିବାସୀଙ୍କ ଜୀବନ ଓ ଚଳଣି। ବାଥୁଡ଼ିମାନେ ମଧ୍ୟ ବଡ଼ାମ ଠାକୁରଙ୍କ ନିକଟରେ ବଳି ଚଢ଼ାଇ ମାନସିକ ଛିଣ୍ଡାଇ ଥାଆନ୍ତି ଓ ଅନ୍ୟାନ୍ୟ ପୂଜା ପର୍ବରେ ଆଇଁସ ଖାଆନ୍ତି।

ଆଦିବାସୀମାନେ ମୁଖ୍ୟତଃ ୩ ମୁଖ୍ୟ ଦେବତାଙ୍କୁ ପୂଜା କରିଥାଆନ୍ତି। ଯଥା:- ଧର୍ମ ଦେବତା, ଧରିତ୍ରୀ ମାତା ଓ ମୁଖ୍ୟ ବା ଇଷ୍ଟଦେବତା। ବାଥୁଡ଼ିଙ୍କ ଇଷ୍ଟଦେବତା ହେଉଛନ୍ତି 'ବଡ଼ାମ'।

ପ୍ରତ୍ୟେକ ଆଦିବାସୀଙ୍କ ଦେବତା ପଥର ବା କାଠରେ ପ୍ରସ୍ତୁତ ପ୍ରତିମୂର୍ତ୍ତି। ବାଥୁଡ଼ିଙ୍କ 'ବଡ଼ାମ' ହେଉଛନ୍ତି କେତୋଟି ଗୋଜିଆ ପଥର ଓ ଭଙ୍ଗା ଲଙ୍ଗଳ ଯୁଆଳିର ସମାହାର।

ବଡ଼ାମ ବନ୍ଦନା ବାଥୁଡ଼ି ସବୁ ସମୟରେ କରେ। ବର, କନ୍ୟା ବିଦା ହେବା ପୂର୍ବରୁ ବଡ଼ାମଙ୍କୁ ମୁଣ୍ଡିଆମାରେ। ବର କନ୍ୟାକୁ ଧରି ଗାଁକୁ ଆସିଲେ ପ୍ରଥମେ ବଡ଼ାମଙ୍କୁ ଜୁହାର ହୁଏ।

ବାଥୁଡ଼ି ପର୍ବଗୁଡ଼ିକରେ ମଦ ବା ନିଶାର ପ୍ରଚଳନ ନାହିଁ। କେବଳ ଶୀତଳ ଭୋଗ ହିଁ ପୂଜାର ଅର୍ଘ୍ୟ ହୋଇଥାଏ, ଯାହା ଅନ୍ୟ ଆଦିବାସୀଠୁ ପୃଥକ କରିଦିଏ।

## ଖ) ବିବାହ ଗୀତ :

ଶୃଙ୍ଖଳାର ସହ ଯୌନ ଚରିତାର୍ଥ କରିବା ସହ କୁଳରକ୍ଷା ବିବାହର ଉଦ୍ଦେଶ୍ୟ। ଫିଫେନସ୍ ବିବାହର ସଂଜ୍ଞା ନିରୂପଣ କରି କହିଛନ୍ତି ଯେ ବିବାହ ଏକ ସାମାଜିକ ବୈଧ ଯୌନ ମିଳନ। ସର୍ବସାଧାରଣ ଘୋଷଣା ଅନୁଯାୟୀ ଆରମ୍ଭ ହୋଇ ସ୍ଥାୟିତ୍ୱର ଉଦ୍ଦେଶ୍ୟ ସହ ଏହା ସମ୍ପାଦିତ ହୋଇଥାଏ। ଯୌନ ପ୍ରବୃତ୍ତିର ଚରିତାର୍ଥ, ବଂଶ ବିସ୍ତାର, ସନ୍ତାନ ଲାଭ ଓ ମାନସିକ ସନ୍ତୋଷ ବୃଦ୍ଧି, ଅର୍ଥନୈତିକ ଆବଶ୍ୟକତା, ଧର୍ମଗତ ମହତ୍ୱ ପ୍ରତିପାଦନ ଏବଂ ସାମାଜିକ ଏକତା ବୃଦ୍ଧି ଦ୍ୱାରା ଉଦ୍ଦେଶ୍ୟ ସାଧିତ ହୁଏ।

ଏହା ଏକ ସାର୍ବଜନୀନ ଅନୁଷ୍ଠାନ ହୋଇଥିବାରୁ ବିଭିନ୍ନ ସମାଜରେ ପ୍ରକାରଭେଦ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ଆର୍ଯ୍ୟ ସମାଜ ଅନୁଯାୟୀ ବିବାହ ଆଠ ପ୍ରକାର। ଯଥା:- ଅସୁର, ରାକ୍ଷସ, ଦୈବ, ଗାନ୍ଧର୍ବ, ବୈଦିକ, ବ୍ରାହ୍ମ, ଅର୍ଶ ଓ ପୈଶାଚ ବିବାହ। ବର୍ତ୍ତମାନ ସର୍ବସାଧାରଣରେ ଅନେକ ବିବାହ ପରିଲକ୍ଷିତ ହେଲେ ବି ବାଥୁଡ଼ି ଜନଜାତିରେ ବିଭିନ୍ନ ପ୍ରକାରର ବିବାହ ପରିଲକ୍ଷିତ ହୁଏ। ଯଥା:-

୧) ପ୍ରେମ ବିବାହ
୨) ଘେନିପଳା ବିବାହ
୩) ବ୍ୟବସ୍ଥିତ ବିବାହ
୪) ପ୍ରତିବଦଳ ବିବାହ
୫) ବିଧବା ବିବାହ ବା ଭ୍ରାତୃଜାୟା ବିବାହ
୬) ବହୁ ସ୍ତ୍ରୀ ବିବାହ
୭) ଶାଳୀ ବିବାହ
୮) ଘରଜ୍ୱାଇଁ ବିବାହ

ବାଥୁଡ଼ି ଜନଜାତି ସବୁଠୁ ବିବାହ କ୍ଷେତ୍ରରେ ହିଁ ଅନେକ ଗୀତ ଖଞ୍ଜେ। ଏହି ଗୀତ ଖଞ୍ଜିବା ତା'ର ସରେ ନାହିଁ। ବିବାହର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ କନ୍ୟା ବିଦାୟ ଦେଇ ବର ଘରକୁ ନେଇ ଛାଡ଼ି ଆସିବା ପର୍ଯ୍ୟନ୍ତ ସେ ଗାଏ। ତା'ର ଗାଇବାର ବିଶ୍ରାମ ନାହିଁ। ସବୁଠୁ ବେଶୀ ଲୋକଗୀତ

ଶୁଣା ଯାଉଥିବା ଉତ୍ସବ ବାଥୁଡ଼ି ଜନଜାତିରେ ବିବାହକୁ ହିଁ ପ୍ରାଧାନ୍ୟ ଦିଆଯାଏ। ହୁଏତ ଏଭଳି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲୋକଗୀତ ଶୁଣାଯିବାର କୌଣସି ଗୋଷ୍ଠୀରେ ଦେଖାଯାଏ ନାହିଁ।

ବାଥୁଡ଼ି, ବର ବା କନ୍ୟାର ପ୍ରତ୍ୟେକ କାର୍ଯ୍ୟ ପାଇଁ ଗୀତ ଖଞ୍ଜେ। ଗୀତ ଖଞ୍ଜିବାକୁ ଦଳେ ଢାଙ୍ଗୁଲି ବା ଯୁବତୀ ଆଗରୁ ପ୍ରସ୍ତୁତ ହୋଇଥାନ୍ତି। କେବଳ କନ୍ୟାଟି କାନ୍ଦଣା ଗୀତ ହିଁ ଗାଇଥାଏ। ଅନ୍ୟ ଗୀତଗୁଡ଼ିକ ଯୁବତୀମାନେ ଗାଆନ୍ତି।

ବାଥୁଡ଼ି ବିବାହର ପ୍ରତ୍ୟେକ କାର୍ଯ୍ୟକୁ ଅନୁଧ୍ୟାନ କରି ବାଥୁଡ଼ି ବିବାହ ଗୀତକୁ ୯ ଭାଗରେ ବିଭକ୍ତ କରାଯାଇପାରେ। ଯଥା:-

୧) ଘୁରୁଲେଇ ପାଣିମଗା ଗୀତ

୨) ମାଟିକଡ଼ା ଗୀତ

୩) ୯ଟି ଗୀତ

୪) ହଳଦିମଖା ଗୀତ

୫) ନଣ୍ଦେଇ ପେଡ଼ି ଗୀତ

୬) ଗନ୍ଧାଦିଆ ଗୀତ

୭) ବରଦାନ ଗୀତ

୮) କନିଆ ଛଡ଼ା ଗୀତ

୯) କାନ୍ଦଣା ଗୀତ

**୧) ଘୁରୁଲେଇ ପାଣି ମଗା ଗୀତ :**

ବିବାହ ଦିନ ଢାଙ୍ଗୁଲିମାନେ କନ୍ୟା ବା ବର ପାଇଁ ଗାଧୋଇବାର ବନ୍ଦୋବସ୍ତ କରିବେ। ସଂଧ୍ୟା ସମୟରେ ସେମାନେ ଏକ କଳସିରେ ଶରଟି ରଖି ସାତଘରୁ ପାଣି ମାଗିବେ। ସେଇ ପାଣିରେ ବର ବା କନ୍ୟା ଗାଧୋଇ ସଜ ହୋଇ ବର ଆଗମନରେ ଅପେକ୍ଷା କରିବ କିମ୍ବା ସଜ ହୋଇ କନ୍ୟା ଘର ଅଭିମୁଖେ ଯାତ୍ରା କରିବ। ସାତଘରୁ ପାଣି ମାଗିବା ସମୟରେ ଯାହାଙ୍କ ଘରକୁ ଯିବେ, ତାଙ୍କ ଘରର

ସଦସ୍ୟମାନଙ୍କ ପାଇଁ ଗୀତ ଖଞ୍ଜି ଖଞ୍ଜି ପାଣି ମାଗିବେ । ଗୀତର ଲହରୀରେ ପାଣିଦେବା ସଦସ୍ୟ ଟିକେ ଡେରି କରିଦେଲେ ତା'ମୁଖରୁ ଆହୁରି ଖଞ୍ଜି ହୋଇଯାଏ ଗୀତମାନ ।

ଯଥା:- ''ବାଳି ପଛ ଆଳେ କଡେଇ ଗନି ଅଦାନା
ବାଳି ପଛ ଆଳେ କଡେଇ ଗନି ଅଦାନା
ତୁମର ଭାଆରେ କେତେ ହେଇଥିମୁ ଗଦାନା
ଦିଅ ଦିଅ ମାଁ ଘୁରୁଳେଇ ପାଣି ନା
ଦିଅ ଦିଅ ମାଁ ଘୁରୁଳେଇ ପାଣି ନା ।''(୧୮)

ଘରର ମୁରବୀମାନେ କୁଆଡ଼େ ଗଲ । ଅଦା କୁଢ଼େଇ ଯାଇଛ କି ଆଉ, କେତେ ଆଉ ତୁମ ଘର ସାମ୍ନାରେ ଏକତ୍ରିତ ହେବୁ । ଶୀଘ୍ର ମା ଘୁରୁଳେଇ ପାଣି ଦେଇ ବିଦାକର । (ବାଳି-ଘରର ପଛ ଭାଗ ବଗିଚା, କଢ଼େଇ - ଖୋଳିବା, ଅଦାନା - ଅଦା, ଭାଆରେ - ଘର ସାମ୍ନାରେ, ଗଦାନା - ଏକତ୍ରିତ ହେବା) ପ୍ରତ୍ୟେକ ଧାଡ଼ିକୁ ପୁନରାବୃତ୍ତି କରାଯାଏ । ତଥାପି ଯଦି କୌଣସି ସଦସ୍ୟ ଦେଖା ମିଳନ୍ତି ନାହିଁ, ତା'ହେଲେ ପୁଣି ଥରେ ପୁନରାବୃତ୍ତି କରି ଗୀତ ଖଞ୍ଜନ୍ତି । ଯଦି ଘରର ଘରଣୀ ଯୁବତୀମାନଙ୍କ ସମ୍ପର୍କରେ ଭାଉଜ, ଜେଜେମା ହୋଇଥିବ ସେମାନେ ତାକୁ ବ୍ୟଙ୍ଗକରି ଗୀତ ଖଞ୍ଜନ୍ତି ।

''ଇଠ୍‌ରି ଘରଣି କେଣିକି ଜାଇଛି ନା
ଇଠ୍‌ରି ଘରଣି କେଣିକି ଜାଇଛିନା
କୁଣ୍ଡା ଖାଇକରି ଛେରିକି ଜାଇଛିନା
କୁଣ୍ଡା ଖାଇକରି ଛେରିକି ଜାଇଛିନା ।''(୧୯)

(ଇଠ୍‌ରି - ଏଠାକାର, କେଣିକି - କୁଆଡ଼େ, ଛେରିକି - ଝାଡ଼ାଯିବା)

ଢାଙ୍ଗୁଲିମାନେ ଠିଆ ହୋଇ ଘୁରୁଳେଇ ପାଣି ଦେବ କି ନାହିଁ ଗୀତରେ ଖଞ୍ଜନ୍ତି । ଶୀଘ୍ର ଦେବା ପାଇଁ ବାସୁକୀମାତାଙ୍କ ନାମ ନିଅନ୍ତି, ବାସୁକୀ ମାତା ବା ଦେବୀ ପାଇଁ ଚନ୍ଦନର ପେଡି ଆବଶ୍ୟକ

ବୋଲି କହନ୍ତି । ତଥାପି ଘରଣୀ ଆସୁନାହିଁ । ବୋଧେ ବାଡ଼ି ପଛ ପଟରେ ଥିବା ମଇଁଷି, ଛେଳି ପଲକୁ ଦେଖିବାକୁ ଯାଇଛି ।

ଯଥା:- ''ବାଡ଼ି ପଛ ବାଟେ ମଇଁସି କଳେଇନା

ବାଡ଼ି ପଛ ବାଟେ ମଇଁସି କଳେଇନା ।''(୨୦)

ପ୍ରତ୍ୟେକ ଧାଡ଼ିର ଅକ୍ଷର ସଂଖ୍ୟା ସମାନ ନଥାଏ, କିନ୍ତୁ ପ୍ରତ୍ୟେକ ଧାଡ଼ିକୁ ପୁନରାବୃତ୍ତି କରି କରି ଗାଇବାକୁ ପଡ଼େ । ଉଚ୍ଚାରଣରେ ବାଥୁଡ଼ି ଜାଉଁଛୁଁ - ଯାଉଛୁ, ଜାଇଛିନା - ଯାଇଛି କି କହିଥାଏ । 'ନା' ଶବ୍ଦକୁ ସେ ଶେଷର ବା ପ୍ରତ୍ୟେକ ଧାଡ଼ିରେ ଶେଷରେ ରଖି ପଦ ଯୋଡ଼େ ।

## ୨) ମାଟିକଡ଼ା ଗୀତ :

ବେଦୀ ପ୍ରସ୍ତୁତ ପାଇଁ ଘର ପାଖ ବାଡ଼ିରୁ ମାଟି ଆଣିବେ । ଘୁରୁଳେଇ ପାଣିରେ ଗାଧୋଇ ସଜ ହୋଇ ମାଟି ଆଣିବା ପାଇଁ ବର ବା କନ୍ୟା ସହ କିଛି ସାଙ୍ଗସାଥୀ ଯିବେ । ସାଥିରେ କୋଦାଳ, କୋଦାଳରେ ଆମ୍ବପତ୍ର ବନ୍ଧା ହୋଇ ରହିଥିବ । ମାଟି କଡ଼େଇଲାବେଳେ ବର ସହ ସାତ ଜଣଙ୍କ ହାତରେ ମାଟି କଢ଼ା ହୋଇ ଏକ ଖାଲି ଟୋକେଇରେ ଢାଳିବେ । ସେଇ ମାଟି ଜଣେ ବୋହି ଆଣି ବେଦୀରେ ପକେଇବେ ।

ମାଟି କଢ଼ା ହେଲାବେଳେ ଢାଙ୍ଗୁଳିମାନେ ପଦ ଯୋଡ଼ନ୍ତି । ମାଟି କଢ଼ା ହେବା ପୂର୍ବରୁ ମାଟି ଉପରେ ଉଆ ଚାଉଳ, ଚାଉଳ ଉପରେ ଗୁଆଟିଏ ଦେଇ ବରକୁ ଚାରି ଦିଗକୁ ଜୁହାର ପାଇଁ କୁହନ୍ତି । ଜୁହାର ପରେ ମାଟି କଢ଼ା ଆରମ୍ଭ ହୁଏ । ଏହି ସମୟରେ ଗୀତ ଯୋଡ଼ିବା ସତେ କି ମାଟି ମା'କୁ ଜୀବନ ଦାନ ଦେଇଦିଏ । ମାଟି ମା' ହେଉଛନ୍ତି ବାସୁକୀ ମାତା, ସେଇ ମାଟି ଶୋଇ ରହିଛି, ତାକୁ ଢାଙ୍କୁଳିମାନେ ନିବେଦନ କରିବେ । ଉଠ ଉଠ ଆମେ ଯିବା ବାହାଘରକୁ ଯଥା:-

''ମାଟି ତ ମାଟି ବଲେୟଁ କଳା ଜିରା ମାଟି

ମାଟି ତ ମାଟି ବଲେୟ କଳା ଜିରା ମାଟି

ବିଭାଘର ନ ଜାଇଣ ସଙ୍ଗାଘର ନ ଜାଣଇ

ବିଭାଘର ନ ଜାଣଇ ସଙ୍ଗାଘର ନ ଜାଣଇ
ମୁଇଁ ଅଛେୟଁ ଚାରିକଣ ମାତି ଗ
ମୁଇଁ ଅଛେୟ ଚାରିକଣ ମାଡ଼ି ଗ।''(୨୧)

ମାଟି ହେଉଛି ମା', ଯେଉଁ ମାଟି ଯେଉଁ ପ୍ରକାରର ହେଉନା କାହିଁକି, ଯଥା:- ନାଲିଆ, ବାଲିଆ, କଳା, ଧଳା ସବୁ ପ୍ରକାରର ମାଟିକୁ ନେଇ ଗୀତ ଖୋଂଜିବା ଢାଙ୍ଗୁଳିମାନଙ୍କ ଦାୟିତ୍ୱ ହୋଇଯାଏ। ଏଥିରେ କଳା ଜିରା ମାଟି ବୋଲି ଉପମା ପ୍ରୟୋଗ କରାଯାଇଛି। ଏହି ଗୀତରେ ପ୍ରତ୍ୟେକ ଧାଡ଼ିକୁ ପୁନରାବୃତ୍ତି କରାଯାଇଛି। ଧାଡ଼ିର ଅକ୍ଷର ସଂଖ୍ୟା ମଧ୍ୟ ସମାନ ନୁହେଁ। ୮ଟି ଧାଡ଼ିରେ ଗୋଟିଏ ପଦ ହୁଏ। ଏହି ମାଟିକଢ଼ା ଗୀତରେ ଚାରିଆଡ଼େ ମାଟି, ସେଇ ମାଟି ବାସୁକୀ ମା, ସେଇ ମା ବା ମାଟି କଳାଜିରା ପରି। ସେହି ମାଟି ବିଭାଘର ଜାଣେନା, ଜାଣେନା ବି କାହା ବାହାଘର। ଢାଙ୍ଗୁଳିମାନେ ଏହି କଥାକୁ ଉଲ୍ଲେଖ କରି ଗାଇ ଉଠନ୍ତି। ମାଟି କଢ଼ା ସରିଲା ପରେ ସମସ୍ତେ ସେଠାରୁ ଚାଲି ଆସନ୍ତି।

**୩) ଝଟି ଗୀତ :**

ବର ବା କନ୍ୟା ଉଭୟଙ୍କ ଘରେ ବା ଘରର ବାହାର କାନ୍ଥରେ ଢାଙ୍ଗୁଳିମାନେ ଅନେକ ସୁନ୍ଦର ସୁନ୍ଦର ଝଟିରେ ଚିତ୍ର ଆଙ୍କନ୍ତି। ଘର କାନ୍ଥରେ ଝଟି ଦେବା ସହ ବେଦୀରେ ଝଟି ଦିଅନ୍ତି ଏହି ଢାଙ୍ଗୁଳିଗଣ। ସେଇ ସମୟରେ ସେମାନଙ୍କ ମନରେ ଉଦୟ ହେଉଥିବା ନାନା ପ୍ରକାରର ଚିନ୍ତା ଅନୁଚିନ୍ତା ଝଟି ପକାଇବା ଭିତରେ ଗୀତ ଆକାରରେ ଗାଇ ହୋଇଯାଏ।

ଗୋଟିଏ ପ୍ରକାରର ଝଟି ତିଆରିବା ପାଇଁ ମନ ଭିତରେ କଳ୍ପନା କଲାବେଳେ ଆଉ ଗୋଟିଏ ହୋଇଯାଏ। ସେଇ ଝଟି ମନରେ କଳ୍ପନା କରିଥିବା ଝଟି ପରି ନହେଲେ ବି ତାହା ବି ଶୋଭାବନ୍ତ ଦିଶେ, ଏକଥା ନିଜ ଗୁଣକୁ ଡିଣ୍ଡିମ ପିଟିବା ହେଉ କିମ୍ବା ଗୀତ ଆକାରରେ ଗାଉଥିବା ଦୃଷ୍ଟିରୁ ହେଉ ସେ ଗୀତ ଖଞ୍ଜେ।

ଯଥା:- ''ଏ ଝଟି ନେଖୁ ନେଖୁ ସେ ଝଟି ନେଖିଲି ଗ
ମଝରି ଝଟି କି ସୁଭା ଦିସଇ

ମଝରି ଝଟି କି ସୁଭା ଦିସଇ।''[୨୨]

ବରର ମା' କିମ୍ବା କନ୍ୟାର ମା' ଏପଟେ ବ୍ୟସ୍ତତାରେ ଅସ୍ତବ୍ୟସ୍ତ ହେଉଥିଲାବେଳେ, ସେ ବରର ମା'କୁ ଗୀତରେ ଡାକ ପକାଏ।

''ଭାଆରି ଆୟରେ ବରର ମାଁ ଗ
ଭାଆରି ଆୟରେ ବରର ମାଁ ଗ
ଦେଖିବେ ତର ଝଟିରି ମୁରତି ଗ।।''[୨୩]

ଏଭଳି ଶୋଭାବନ୍ତ ସେ ଝଟି ହୋଇଯାଇଛି, ତାକୁ ତୁମେ ବା ବରର ମା' ଦେଖିବା ଉଚିତ୍। ଏହା କେବଳ ତୁମ ପୁଅ ବା ଝିଅ ବାହାଘରରେ ହୋଇଯାଇଛି। ଏହିଭଳି ଗୀତ ଶୁଣୁ ଶୁଣୁ ବର / କନ୍ୟାର ମା' ଆଉ ରହିପାରେନି, ସେ ବି ଗୀତ ଗୀତରେ ପଦ ଯୋଡ଼େ।

''କିସ ଦେଖିବିରେ ମା' ଝଟିର ମୁରତି ଗ
ପଡ଼ିଛୟଁରେ ପୁଅର ଜଞ୍ଜାଳେ
ଚାଉଳ ମାଣେ କର
ବିର୍‌ହି ଫାଳେ କର
ଖେଦି ଦେବରେ ପୁଅର ଜଞ୍ଜାଳ।''[୨୪]

**୪) ହଳଦୀମଖା ଗୀତ :**

ଗାଁ ମୁଣ୍ଡରେ ବର ଉପସ୍ଥିତ। ବାଜା ବାଣରେ ଶବ୍ଦର ରୋଷଣିରେ ସମସ୍ତେ ଜାଣିଲେନି ବର ପହଞ୍ଚି ଯାଇଛି। ଏପଟେ କନ୍ୟା ଘର ଲୋକେ ବରକୁ ବନ୍ଦେଇ ଆଣିବେ। କିଛି ଦୂର ଯାଇ ବରକୁ ବନ୍ଦେଇ ପାଛୋଟି ନେବେ। ଏହି ଅଭିମୁଖେ କନ୍ୟାଘରର ଢାଙ୍ଗୁଳିଗଣ ଗୀତ ଖଞ୍ଜନ୍ତି।

ଯଥା:- ''ପୁଦୁନା କଡାନି ନଗାନି ସୁଜୁନା ଗ
କାଇଁସର ବାଜା ଛଖଣ୍ଡ ବାଜଣା
କାଇଁସର ବାଜା ଛଖଣ୍ଡ ବାଜଣା

ଛଅଖଣ୍ଡ ବାଜଣାରୁ ଖଣ୍ଡେ ନ ସୁବାଇ ଗ
ବରର ବାପ ମୁଖେ ନାଜ ନାଇଁ
ବରର ବାପ ମୁଖେ ନାଜ ନାହିଁ।''(୨୫)

ପୁଦୁନା ଗଛ କଡେଇଛି, ସୁଜୁନା ଗଛ ଲଗେଇଛି କିନ୍ତୁ ଆଜି କାଇଁ ସେ ଶବ୍ଦ, ବାଜା ବାଜଣା ଅଛି, ହେଲେ ଶବ୍ଦ ନାହିଁ। ବରର ବାପ ମୁଖେ ନାଜ ନାହିଁ। ଏପାଖେ ଆଦିପୁର ସେ ପାଖେ ଜତିପୁର, ମଝିରେ କିଆ ଲଟାର ବଣ। ବଣ ଯଦି ସଫା ହେବ, ତେବେ ବନ୍ଧୁ ସଙ୍ଗେ ଦେଖାହେବ। ବନ୍ଦାଣ ଗୀତରେ ବରକୁ ବନ୍ଦେଇବା ଭଳି ଗୀତ ଖଞ୍ଜା ଯାଏନା, କେବଳ ବ୍ୟଙ୍ଗ, ଥଟ୍ଟା, ସେହି ସମୟର ସ୍ଥିତି ହିଁ ଉଲ୍ଲେଖ ହୁଏ।

ଯଥା:- ''ଏ ପାଖେ ଆଦିପୁର ସେ ପାଖେ ଜତିପୁର
ମଝିରେ ଅଛିରେ କିଆ ନଟିର ବଣ
ଛିଲିଜା ଛିଲିଜା କିଆ ନଟିର ବଣ ଗ
ବନ୍ଧୁ ସଙ୍ଗେ ହେମୁ ଦରସନ।''(୨୬)

କନ୍ୟା ଓ ବର ଘରର ମଝିରେ କିଆ ବଣ। ସେ ଯଦି ଛିଲିଜା'ନ୍ତା ବା ଛିଡ଼ିଯା'ନ୍ତା, ତେବେ ସେମାନେ ଦରସନ କରନ୍ତେ।

ବର ଆସି ଗାଁ ମୁଣ୍ଡରେ ପହଁଞ୍ଚିଲା ମାତ୍ରକେ, କନ୍ୟାଘର ଲୋକେ ତାକୁ ଗାଁ ମୁଣ୍ଡରୁ ବାଣ ରୋଷଣିରେ ସ୍ୱାଗତ କରି ଘରକୁ ଆଣୁଥିଲେ, ଏହାକୁ କୁହାଯାଏ 'ବାଟବରଣ'।

''ଏହା ପରେ ବର ତଥା ପୋଇଲି ବରକୁ ଗୋଡ ଧୋଇବାକୁ ପାଣି ଦିଆଯାଏ। ବରକୁ ହଳଦୀ ଲଗେଇ ଗ୍ରାମର ଝିଅମାନେ ନୂଆ ଭେଣେଇ ସହ ଅନେକ ପ୍ରକାରର ଥଟ୍ଟାମଜ୍ଜା କରନ୍ତି। ଏହି ସମୟରେ ହଳଦୀ ଲଗଉ ଲଗଉ ଝିଅମାନେ ଭେଣେଇ ପ୍ରତି ଅନେକ ପ୍ରକାରର ଗୀତ ମେଲି ଦେଇଥା'ନ୍ତି।

ବରର ଯେଉଁ ଅଙ୍ଗରେ ହଳଦୀ ଲଗେଇବେ, ସେଇ ଅଙ୍ଗକୁ ଗୀତରେ ରଖି ଭେଣେଇକୁ ଗୀତ ଗାଇ ଶୁଣାନ୍ତି ।

ଯଥା:- ''ଗୁଡ ଦେଖାରେ ବର ହଳଦି ଲଗା ବି ତର୍

ଗୁଡ ତର୍ କୁରାହ୍ଲିର ବେଷ୍ଟ ।

ହାତ ଦେଖାରେ ବର ହଳଦି ଲଗା ବି ତର୍

ହାତ ତର୍ କଦଳିର ବାହୁ ।

ମୁହଁ ଦେଖାରେ ବର ହଳଦୀ ଲଗା ବି ତର୍

ମୁହଁ ତର ଗୁଣ୍ଡୁରିରି ମିତି ।

ପିଠି ଦେଖାରେ ବର ହଳଦି ଲଗା ବି ତର୍

ପିଠି ତର୍ ଢାବୁଆ ଅସାର୍ ।

ପେଟ ଦେଖାରେ ବର୍ ହଳଦି ଲଗା ବି ତର୍

ପେଟରେ କୁଲାର ଅସାର ।

ଆଖି ଦେଖାରେ ବର କଜଳ ଲଗା ବି ତର୍

ଆଖି ତର୍ ସରଗର ତାରା ।

ପାଦ ଦେଖାରେ ବର ଅଳତା ଲଗା ବି ତର୍

ପାଦରେ ହାତିର ପାହୁଣ୍ଡ

ମୁଣ୍ଡ ଦେଖାରେ ବର ଫେସନ କାଟିବି ତର

ମୁଣ୍ଡ ତର ପିଉଳର ପାଇ ।''[୨୬]

ଢାଙ୍ଗୁଳିମାନେ ଗୋଡ଼, ହାତ, ମୁହଁ, ପିଠି, ପେଟ, ଆଖି, ପାଦ, ମୁଣ୍ଡରେ ହଳଦୀ, ଅଳତା, କଜ୍ଜଳ ଲଗେଇ ଦେବା ସହ ଭେଣେଇକୁ ନାନା ପ୍ରକାରର ଥଟ୍ଟାମଜ୍ଜା କରି ଗୀତ ମେଲି ଦିଅନ୍ତି । ଏହି ଗୀତ ଭିତରେ ସେମାନେ ବରର ଗୋଡକୁ କୁରାଢ଼ୀର ବେଷ୍ଟ, ହାତକୁ କଦଳୀର ବାହୁ, ମୁହଁକୁ ଗୁଣ୍ଡୁରିର ମୁହଁଭଳି, ପେଟକୁ କୁଲାପରି, ଆଖିକୁ ସରଗରତାରା, ପାଦକୁ ହାତୀର ପାହୁଣ୍ଡ, ମୁଣ୍ଡକୁ ପିଉଳର ପାଇ ବା ମାପ ସହ ତୁଳନା କରି ଅଜାଣତରେ ସେମାନେ ଉପମା ପ୍ରୟୋଗରେ ଚମତ୍କାରିତା

ଆଣି ପାରିଛନ୍ତି। ପୁଣି ଢାଙ୍ଗୁଳିମାନେ ସେତିକିରେ ସନ୍ତୁଷ୍ଟ ହୁଅନ୍ତି ନାହିଁ। ଆହୁରି ସମାଲୋଚନା କରି ବର ପ୍ରତି ଗାଇଉଠନ୍ତି -

ଯଥା:- (୧) ''ପୁଲ ତ ପୁଲ ବଲେଇ ଜଡାକାଠ ପୁଲ
ବଢ଼ିଆ ଘରର ପୁଅ ଆସିଛି - ୨
ଆଣିଛି ଫଟା ଢୁଲ
ରସ ଯା' ରସ ଯା' ଚାଲିଯା'ରେ।''[୨୮]

(୨) ''ଚୁନା ତ ଚୁନା ବଲେଇ ଢ଼େଙ୍କିରେ କୁଟଇ ଚୁନା
ବଢ଼ିଆ ଘରର ପୁଅ ଆସିଛି - ୨
ଦେଇଛି ଜବର ସୁନା
ରସ ଯା' ରସ ଯା' ଚାଲିଯା'ରେ।''[୨୯]

**୫) ନଣ୍ଦେଇ ପେଡ଼ି ଗୀତ :**

ପ୍ରତ୍ୟେକ ଗୋଷ୍ଠୀ ବା ଜାତିରେ ନଣ୍ଦେଇ ପେଡି ଦେବାର ପରମ୍ପରା ଅଛି। ବାଥୁଡ଼ିମାନଙ୍କ କ୍ଷେତ୍ରରେ ବି ଏହି ନଣଦେଇ ପେଡ଼ି ପ୍ରଥା ରହିଛି। ବରକନ୍ୟା, ଗାଧୋଇ ସାରି କାଣ୍ଡଶରର ପ୍ରୟୋଗ ପରେ ପରେ ନିଜ ଘର ଅଭିମୁଖେ ଯିବେ। ଘରକୁ ପ୍ରବେଶ ପୂର୍ବରୁ ନଣନ୍ଦ ଭାଇଭାଉଜଙ୍କୁ ଅଟକେଇ ନିଜ ଜିନିଷ ମାଗିବ। ଏହି ନଣଦେଇ ପେଡ଼ି ଭାଉଜ ତରଫରୁ ମିଳିଥାଏ। ଏହି ସମୟରେ ନଣନ୍ଦ ତା' ଭାଉଜକୁ ଅଟକେଇଲାବେଳକୁ କନ୍ୟା ତରଫରୁ ଆସିଥିବା ସାଙ୍ଗସାଥୀମାନେ ପଦ ପରେ ପଦ ଯୋଡ଼ି ଗୀତ ଗାଆନ୍ତି।

ନଣନ୍ଦ ତରଫରୁ ଗାଉଥିବା ଗୀତଗୁଡ଼ିକ ହୁଏତ ନଣନ୍ଦକୁ ବ୍ୟଙ୍ଗ କରି କିମ୍ବା ଉପହାସ ଛଳରେ ଗାଇବାକୁ ପଡ଼େ।

ଯଥା:- ''ବେଲ ତ ବେଲ ବଲେଇ ଟଲ୍‌ଟଲିଆ ବେଲ
ଦୁଇ ପଇସା ନେବି ବଲି ଦୁଇ ପଇସା ନେବି ବାଟରେ, ମକର

ଦେଖିବ ମୁଳର ବେଲରସ ଜା ରସ ଜା ଚାଲିଜାରେ।''[୩୦]

ବେଳେବେଳେ ପ୍ରଥମ ଧାଡ଼ିର କୌଣସି ଅର୍ଥ ନଥାଏ, କିନ୍ତୁ ଗୀତାଳୁ ଯାହା ଦେଖେ ତା' ଚାରିପାଖରେ ଥିବା ଯେ କୌଣସି ବସ୍ତୁ ଗୀତ ହୋଇଯାଏ। କିନ୍ତୁ ଏଥିରେ ଥିବା ପ୍ରଥମ ଧାଡ଼ିରେ ବେଲ ହେଉଛି ଖରାପ ବା ଟଲ୍‌ଟଲିଆ ବେଲ। ବେଲ ଅର୍ଥରେ ବ୍ୟବହାର ହୋଇଛି। ସେଇ ଟଲ୍‌ଟଲିଆ ବେଲ ପରି ନଣନ୍ଦ ଦୁଇ ପଇସା ପାଇବ ବୋଲି ଜଗି ରହିଛି। 'ମକର' ଶବ୍ଦଟି ଏକ ସମ୍ବୋଧନ ପଦ। ମକର, ବଉଳ, ଫୁଲ, ସଙ୍ଗାତ ଓ ସଇ ଏଗୁଡ଼ିକ ବାଥୁଡ଼ିମାନଙ୍କ ଏକ ଏକ ସମ୍ବୋଧନ ପଦ। ଶେଷରେ ଥିବା ଧାଡ଼ିଟି ଘୋଷା ରୂପେ ପ୍ରଚଳିତ। 'ରସ ଜା ରସ ଜା ଚାଲିଜାରେ' ଏହାର ଅର୍ଥ କିଛି ନାହିଁ କିନ୍ତୁ ପଦଟିକୁ ଶ୍ରୁତିମଧୁର କରିବା ପାଇଁ ଏହାର ଆବଶ୍ୟକତା ରହିଛି।

କନ୍ୟାର ସାଙ୍ଗସାଥି ଦେଖିଥିବା, ଅନୁଭବି ଥିବା ରାତିଦିନର ପାନଭଙ୍ଗା, ଗୁଆ ଭଙ୍ଗା, ବାଡ଼ିର ମାରିସ ଶାଗ, ଖଜୁରୀ ଡାହି, ବଣ, ନିମ୍ବଗଛ, ତେଲ କାଞ୍ଚ, ଛେଳି, ବନ୍‌ସି ଲାଠି ଇତ୍ୟାଦି ଗୀତର ତାଳେ ତାଳେ ରୂପ ପାଇଯାଏ। ନଣନ୍ଦଙ୍କ ମୁଖର ଭାଷାରେ କନ୍ୟାର ସାଙ୍ଗସାଥୀ ନିଜକୁ ସଉତୁଣି ରୂପରେ ଗୀତ ଗାଇ ଦିଅନ୍ତି।

ଯଥା:- ''ନାଠି ତ ନାଠି ବଳେଇ ବନ୍‌ସି ନାଠି ନାଠି
ମ ସଉତୁଣି ଆଉଛି ବଲି
ମ ସଉତୁଣି ଆଉଛି ବଲି
ମାରି ଦେଉଛେଁଯ ଟାଟିରସ ଜା ରସ ଜା ଚାଲିଜାରେ।''[୩୧]

ନଣନ୍ଦ ଭାଉଜଙ୍କ ସମ୍ପର୍କ ବେଳେବେଳେ ଚିରଶତ୍ରୁ। ସେଇ ସୂତ୍ରରେ ନଣଦଙ୍କ ମୁଖର ଭାଷାରେ ସାଙ୍ଗସାଥୀ କହି ଦେଉଛନ୍ତି ଯେ, ସଉତୁଣି ଆସିଥିବା ହେତୁ ମୁଁ କବାଟକୁ ବନ୍ଦ କରି ଦେଉଛି। ଏହା ଫଳରେ ନଣନ୍ଦଟି ଗୀତରେ ହିଁ ଲଜ୍ଜା ପାଇଁ ଛାଡ଼ିଦିଏ। ଛାଡ଼ିଦେବା ପୂର୍ବରୁ ଯେତେ ସମୟ ନଣନ୍ଦଟି ଅଟକେଇ ରହିଥାଏ, ସେତେ ସମୟ ଗୀତର ମୁଖୁଡ଼ାମାନ ଭାସିଯାଏ। ଗୋଟିଏ ପଟେ ନଣନ୍ଦ, ଆଉ ଗୋଟେ ପଟେ କନ୍ୟାର ସାଙ୍ଗସାଥୀ।

''ଛେଳି ତ ଛେଳି ବଲେଇ ଚିତର କାବର ଛେଳି
ଜଳି ତ ଜଳି ଭାଙ୍ଗେଇ ମାଟିର ଠେଙ୍ଗା ଜଳି
ଆଣି ଦେଇ ଛେଇଁ ନଣ୍‌ଦେଇ ପେଳି
ଆଣିଦେଇ ଛେଇଁ ନଣ୍‌ଦେଇ ପେଳି, ମକର
ବାଟରେ ଦେଲା ଫଳି ଜା ରସ ଜା ଚାଲିଜାରେ।''(୩୨)

''ରଜ ତ ରଜ ବଲେଇ ଅସାଳ ମାସିଆ ରଜ – ୨
ଆଣି ଦେଇଛେଇଁ ନଣ୍‌ଦେଇ ପେଳି
ଆଣି ଦେଇଛେଇଁ ନଣ୍‌ଦେଇ ପେଳି, ମକର
କେତେ ରଖିବେ ସଜ ରସେ ଜା ରସେ ଜା ଚାଲିଜାରେ।''(୩୩)

### ୬) ଗନ୍ଧାଦିଆ ଗୀତ :

ବର ଓ କନ୍ୟା ପ୍ରତି ଥିବା ଭଲପାଇବା, ପ୍ରେମ, ସ୍ନେହ, ସଦିଚ୍ଛାକୁ ଆଉଟିକେ ବଢ଼େଇ ଦିଏ ଗନ୍ଧାଦେଇ। ବିବାହ ପୂର୍ବରୁ ବର / କନ୍ୟା ନିଜ ଘରେ ଶାଳପତ୍ର ଖଲିରେ ବସି ସମସ୍ତଙ୍କ ଦ୍ୱାରା ହୁଳହୁଳି ଶଙ୍ଖ ଓ ଗୀତର ତାଳେ ତାଳେ ବନ୍ଦିତ ହୁଅନ୍ତି, ବେଦୀ ସାମ୍ନାରେ। ଏହାକୁ 'ଗନ୍ଧାଦେବା' କୁହାଯାଏ। ବରକନ୍ୟା ପ୍ରତି ଯେଉଁମାନେ ଗନ୍ଧା ଦିଅନ୍ତି, ତାଙ୍କ ଉପଲକ୍ଷେ ଢାଙ୍ଗୁଳିମାନେ ପଦକୁ ପଦ ଯୋଡ଼ି ଗୀତ ଖଞ୍ଜନ୍ତି। ଗନ୍ଧାଦେବା ସମୟରେ କୌଣସି ଅଘଟଣ କିମ୍ବା ଭୁଲ୍ କିଛି ହୋଇଯାଏ, ତାହା ଢାଙ୍ଗୁଳିମାନଙ୍କ ହୃଦୟରେ ଗୀତ ଆକାରରେ ରୂପ ଧାରଣ କରେ।

ଦେହୁରୀ ପ୍ରତି – ''ମହୁରି ତ ମହୁରି ଲ ସାନ ବଡ଼ ମହୁରି – ୨
ଭଲ୍‌ଭାଲ୍ କରି ଗନ୍ଧାଦିଅ
ଭଲ୍‌ଭାଲ୍ କରି ଗନ୍ଧାଦିଅ ଯେ
ମନୁଆଁ ଦେହୁରି
ମନୁଆଁ ଦେହୁରି,
ଶିରି ରାମ ହରି – ପଡ଼ିଯାଉ ଜୟ ହୁଳାହୁଳି।'' (ଘୋଷା)(୩୪)

ମା', ବାପା, ଖୁଡ଼ି, କାକା ଏମାନେ ସମସ୍ତେ ବାହାଘର ପାଇଁ ଚିନ୍ତା ଓ ବ୍ୟତିବ୍ୟସ୍ତ, ଫଳରେ ସେମାନେ ଚିନ୍ତାରେ ମୁହଁ କଳାକାଠ ପଡ଼ିଯିବା ଘଟଣା ଗୀତାଳୁମାନଙ୍କ ଅଲକ୍ଷ୍ୟରେ ଧରା ପଡ଼ିଯାଏ।

ମା'ପ୍ରତି – ''ନାଠି ତ ନାଠି ବଲଇ ବଲ୍‌ସି ନାଠି – ୨
ଝିଅ ବାହାଘର କରୁଛି ବଲି
ଝିଅ ବାହାଘର କରୁଛି ବଲି ଯେ
ପଲିଲା କଲା କାଠି
ପଲିଲା କଲା କାଠି।''(୩୫)

ଖୁଡ଼ି ପ୍ରତି – ''ନିଶ ତ ନିଶ ବଲଇ ଟାଙ୍ଗିଆ ଟାଙ୍ଗିଆ ନିଶ
ନିଶତ ତ ନିଶ ବଲଇ ଟାଙ୍ଗିଆ ଟାଙ୍ଗିଆ ନିଶ
ଝିଅ ବାହାଘର କରିବି ବଲି
ଝିଅ ବାହାଘର କରିବି ବଲି ଯେ
ଆଣିଛ କିସ କିସ, ଆଣିଛ କିସ କିସ।''(୩୬)

ବୋହୂ ସହ ନଣନ୍ଦଟି ବାହା ନହେବା ପର୍ଯ୍ୟନ୍ତ ସେ ଭାଉଜ ଲକ୍ଷ୍ୟରେ ରୁହେ। ତା'ସହ ବସାଉଠା, ହସକାନ୍ଦ, ରାଗରୁଷା, ଅଭିମାନ ସେଇସବୁ ପ୍ରତିଟି ରାଗରୁଷା ଅଭିମାନ ବାହାଘର ଦିନ ହିଁ ଶେଷ ହୁଏ। ନଣନ୍ଦକୁ ବୋହୂ ବା ଭାଉଜ ଗନ୍ଧାଦେବା ସମୟରେ ଢାଙ୍ଗୁଲିମାନେ ଗାଇ ଉଠନ୍ତି –

''କେନ୍ଦେଇ ତ କେନ୍ଦେଇ ଲ କାଟିଗଲି କେନ୍ଦେଇ
କେନ୍ଦେଇ ତ କେନ୍ଦେଇ ଲ କାଟିଗଲି କେନ୍ଦେଇ
ବଲି ଭଜା ଖାଇବି ବଲି
ବଲି ଭଜା ଖାଇବି ବଲି ଯେ
ହେଉଛି ନେନ୍ଦେଇ
ହେଉଛି ନେନ୍ଦେଇ।।''(୩୭)

ବାହାଘର ହେବାର ଦୁଇଦିନ ପୂର୍ବରୁ ନାନୀ, ଭେଣେଇ, ମାମୁଁ ମାଇଁ, ଅଜା ଆଇ, ପିଉସା ପିଉସୀ ସମସ୍ତେ ଆସି ପହଞ୍ଚି ଯାଆନ୍ତି। ବନ୍ଧୁ ବାନ୍ଧବରେ ଘର ପରିପୂର୍ଣ୍ଣ ହେଲାବେଳକୁ ଝିଅକୁ ବିଦା କରିବାର ଚିନ୍ତା ଟିକକ ମୁଣ୍ଡ ଉପରେ ଥାଏ। ସେହିପରି ବଡ଼ ଭଉଣୀ (ନାନୀ) ଗନ୍ଧା ଦେଲା ବେଳକୁ ସେ ଗାଏ । ଯଥା:-

''ଚାର ତ ଚାର ଲ ବଉଳି ଆସଇ ଚାର - ୨
ଭଉଣୀ ବାହାଘର କରିବି ବଲି
ଭଉଣୀ ବାହାଘର କରିବି ବଲି ଯେ
ନମ୍ୱେଇ ଆଣିଛୁ ଭାର - ୨''[୩୮]

ଯେଉଁପରି କାନ୍ଦଣା ଗୀତରେ କନ୍ୟାଟି ଯାହା ପାଖରେ କାନ୍ଦେ ତାକୁ ସମ୍ବୋଧନ କରି ଗୀତ ଗାଏ, ଠିକ୍ ସେହିପର ଗନ୍ଧା ଦେଲା ବେଳକୁ ଯିଏ ଗନ୍ଧା ଦିଅନ୍ତି, ତା' ପାଇଁ ଗୀତରେ ପଦ ଯୋଡ଼ା ହୁଏ।

ସାଙ୍ଗପ୍ରତି - ଆରି ତ ଆରି ଲ କୁକୁଲା ଗଂଜାର ଆରି - ୨
କନିଆର ସାଙ୍ଗ ଗନ୍ଧା ଦେଉଛି
କନିଆର ସାଙ୍ଗ ଗନ୍ଧା ଦେଉଛି ଯେ
ଭେଣ୍ଡିଆ ଠାରି ଠାରି।''[୩୯]

ଯେଉଁମାନେ କନ୍ୟାକୁ ନେବା ପାଇଁ ଗୋଟେ ଦିନ ଆଗରୁ ପହଞ୍ଚିଥା'ନ୍ତି। ସେମାନଙ୍କୁ କନିଆଁ ମାଗି ଆସିଛନ୍ତି ବୋଲି କୁହାଯାଏ। ସେମାନେ ମଧ୍ୟ ଗନ୍ଧା ଦେଇଥା'ନ୍ତି। ଯଦି କେହି ନ ଆସନ୍ତି, ଢାଙ୍ଗୁଲିମାନେ ଗାଇ ଉଠନ୍ତି -

''ସଣ୍ଡିଆ ତ ସଣ୍ଡିଆ ଲ ମାରିଗଲି ସଣ୍ଡିଆ - ୨
ଆସ ଆସ ଗନ୍ଧାଦିଅ, ଆସ ଆସ ଗନ୍ଧା ଦିଅ ଯେ
ବାର ଭାଇ ଭେଣ୍ଡିଆ

ବାର ଭାଇ ଭେଣ୍ଡିଆ।''[୪୦]

## ୭) ବରଦାନ ଗୀତ :

ବାହାଘର ଶେଷରେ କନ୍ୟାପକ୍ଷର ବୟସ୍କା ବୁଢ଼ୀ ଲୋକମାନେ ବେଦୀଶାଳରେ ବରକନ୍ୟା ଦୁଇଜଣଙ୍କୁ ଏକାଠି ଠିଆ କରାନ୍ତି। କନ୍ୟା ଓ ବର ପକ୍ଷର ସ୍ତ୍ରୀ ଲୋକମାନେ ବରକନ୍ୟାକୁ କିପରି ଚଳିବାକୁ ହେବ, ଘରର ଭଲମନ୍ଦ ଚଳଣି ଆଦି ସମସ୍ତ ବିଷୟ ବୁଝାଇ ସାରିଲା ପରେ, ସେମାନଙ୍କୁ ଗୋଡ଼ତଳେ ପଡ଼ି ଆଶୀର୍ବାଦ ଭିକ୍ଷା କରିବାକୁ କୁହାଯାଏ। ବରକନ୍ୟା ସାଷ୍ଟାଙ୍ଗ ପ୍ରଣିପାତ ହୋଇ ବୁଢ଼ୀମାନଙ୍କ ପାଦତଳେ ପଡ଼ନ୍ତି। ବୁଢ଼ୀମାନେ ସେମାନଙ୍କୁ ପାଦଦଳୁ ଉଠାଇ ବୋଲିଥା'ନ୍ତି –

''କି ବର ମାଁ ବର କଇନା ଦେଇ
ଦେଇନ ପାରଇଁ ମାଁ ଅମରିରି ବର
ଗୁହାଳକେ ବର ଦେନୁ ନର୍ଖିପତି ଗାଇ
ମାଟି ମୁଠେ ପକେଇ ଦେନେ ସୁନା ବରସଇ।''[୪୧]

ବୟସ୍କା ବୁଢ଼ୀ ଲୋକେ କନ୍ୟା ଦେଇ ଏସବୁ ଗାଇ ବର ହାତରେ କନ୍ୟାକୁ ଟେକି ଦିଅନ୍ତି। କନ୍ୟାଟି ଲକ୍ଷ୍ମୀବତୀ ପୁଣି ସାତପୁଅର ଗୋଟେ ଭଉଣୀ ଅଲିଅଳି ଝିଅ, ସେ ବର ଘରେ ପାଦ ଦେଉ ଦେଉ ସୌଭାଗ୍ୟ ଅରଜିବ ଏଭଳି ଆଶୀର୍ବାଦ ଦେଇ ଚାଲି ଆସନ୍ତି।

''ସାତେ ପୁଅ ସୁନାନାକି ଝିଅ ଜେ ଘେନିବ
ବୁଢ଼ନ୍ତା କାଳରେ ଜାଇ ବଇକଣ୍ଠେ ବସିବ
ହାୟ ହରିପଡି ଜାଉରେ ଜୟ ହୁଳହୁଳି।''[୪୨]

ସବୁବେଳେ ଏହି ବରକନ୍ୟା ପାଖରେ ହରି ବା ସୌଭାଗ୍ୟ ବିରାଜମାନ କରୁଥା'ନ୍ତୁ, ଏଭଳି ଆଶା ଓ ବିଶ୍ୱାସ ତଥା ଆଶୀର୍ବାଦରେ ଏହିପରି ଶ୍ରୁତିମଧୁର ଗୀତମାନ ଶୁଣାଯାଏ।

## ୮) କନିଆ ଛାଳା ଗୀତ :

କନ୍ୟାକୁ ନେଇ ଛାଡ଼ିଯିବା ବାଥୁଡ଼ିମାନଙ୍କ ଏକ ପରମ୍ପରା। ପୂର୍ବରୁ ବର ବାହା ହେବକୁ ଯାଉ ନଥିଲା, କେବଳ କନ୍ୟାକୁ ନେଇ ଛାଡ଼ି ଆସୁଥିଲେ, ନେଇ ଯିବାବେଳେ ସାଙ୍ଗସାଥୀ, ବନ୍ଧୁବାନ୍ଧବ,

କୁଟୁମ୍ବ ସମସ୍ତେ କନ୍ୟା ସାଥିରେ ଯାଇ, ତାକୁ ବର ହାତରେ ଟେକି ଦେଇ ଚାଲି ଆସୁଥିଲେ। ପରବର୍ତ୍ତୀ ସମୟରେ ବର ବାହାହେବାକୁ ଗଲା, କିନ୍ତୁ କନ୍ୟାକୁ ନେଇଛାଡ଼ିଯିବା ପ୍ରଥା ବଜାୟ ରହିଲା। ଏହିଭଳି ପରମ୍ପରା କୌଣସି ଗୋଷ୍ଠୀରେ ଦେଖାଯାଏ ନାହିଁ।

ଯେତେବେଳେ କନ୍ୟାକୁ ଛାଡ଼ି ସ୍ୱ-ଗୃହ ଅଭିମୁଖେ ଚାଲିଆସନ୍ତି, ଚାଲି ଆସିଲାବେଳେ କନିଆ ଛାଳା ଗୀତ ପରିବେଶକୁ ମନ୍ତ୍ରମୁଗ୍ଧ କରିଦିଏ।

''ବିଲର ବିରି କଣିକିରେ ସଙ୍ଗାତ
ସୁଣରେ ମର ବିଲର ବିରି କଣିକି ଜେ
ଛାଳି ଜାଉଛୁଉଁ ଅଳରେ ସଙ୍ଗିକି
ଫୁଲରେ ମର ନାଇଁ ପଠାବ ପାଲିଙ୍କି ଜେ।''(୪୩)

(କଣିକି - କଣିକା ଖାଇଥିବା ବିରି, ସୁଣରେ - ଶୁଣିବା, ମର - ମୋର, ଛାଳି - ଛାଡ଼ି, ଜାଉଛଉଁ - ଯାଉଛୁ, ସଙ୍ଗିକି - ସାଙ୍ଗକୁ)

ଫୁଲ ଓ ସଙ୍ଗାତ ସମ୍ବୋଧନ ପଦ ବରଯାତ୍ରୀ ପାଇଁ। କନ୍ୟା ଯାତ୍ରୀ ବରଯାତ୍ରୀ ପ୍ରତି ବର, ବରର ବାପା ମା'ପ୍ରତି ସମ୍ବୋଧନ କରି କହନ୍ତି - କନ୍ୟାକୁ ଛାଡ଼ି ଯାଉଛୁ, ତାକୁ ପାଲିଙ୍କିରେ ପଠେଇବ ନାହିଁ। କାରଣ ସାଧାରଣତଃ ଛାଡ଼ପତ୍ର ଦେଇ କିମ୍ବା ରାଗରେ କନ୍ୟାଟିକୁ ବାପଘରକୁ ପାଲିଙ୍କିରେ ପଠେଇବାର ବନ୍ଦୋବସ୍ତ କରାଯାଏ। କନ୍ୟାପ୍ରତି ଅବହେଳା କରିବ ନାହିଁ ବୋଲି ଗୀତରେ ପଦ ଯୋଡ଼ନ୍ତି। ଏଥିରେ ଚାରିଟି ଧାଡ଼ିରେ ଗୋଟେ ପଦ। ପ୍ରଥମ ଦୁଇ ଧାଡ଼ି ସହ ଶେଷ ଦୁଇ ଧାଡ଼ିର କୌଣସି ଯୋଗସୂତ୍ର ନାହିଁ। କିନ୍ତୁ ଗୀତକୁ ଶ୍ରୁତିମଧୁର ଓ ମେଳ ଖାଉଥିବା ଯେ କୌଣସି ଅନୁଭୂତି କଥାକୁ ଗୀତରେ ଯୋଡ଼ାଯାଏ।

''ନୁଆଁ ପୁଖୁରିର ଗୁଡ଼ିରେ ସଙ୍ଗାତ
ଫୁଲରେ ମର ନୁଆଁ ପୁଖୁରିର ଗୁଡ଼ି ଜେ
ଛାଳି ଜାଉଛଉଁ ଅଧଳାରେ ବୁଢ଼ି
ଫୁଲରେ ମର ଗୁଡ଼ରେ ନ ଦେବ ମାଡି ଜେ।''(୪୪)

ନୂଆ ପୋଖରୀର ଗୋଡ଼ି ସହ ଅଧଲା ବୁଢ଼ୀର କୌଣସି ଅର୍ଥ ନାହିଁ। ଅଧଲା ବୁଢ଼ୀ କହିଲେ ଅଯୋଗ୍ୟ ବିବେଚିତ ଅସୁନ୍ଦର କନ୍ୟା, ଏଥିରେ ଥଟ୍ଟାରେ ଅଧଲା ବୁଢ଼ୀ କହି କନ୍ୟାପକ୍ଷ ନିଜକୁ ନ୍ୟୂନ ମଣି ଗୀତ ଯୋଡ଼ନ୍ତି। ସେଇ ଅଧଲା ବୁଢ଼ୀକୁ ଗୋଡ଼ରେ ମାରି ନ ଦେବା ପାଇଁ କୁହନ୍ତି।

ଆମ ଝିଅ ବା କନ୍ୟାଟି ବର୍ତ୍ତମାନ ତୁମର ପୁଣି ଆମ କଥାଗୁଡ଼ିକ ନିଆଁ ସଦୃଶ ଯାହା କହି ପକେଇବ, ତାକୁ ଧରିବ ନାହିଁ। ସବୁବେଳେ ଆମ ଝିଅ ବା କନ୍ୟାକୁ ହେଳା କରିବନି। ତାକୁ ପାଖରେ ରଖିବ।

''ବିଲର କଦିଲ ମେଳାରେ ସଙ୍ଗାତ
ଫୁଲରେ ମର୍ ବିଲର କଦିଲ ମେଳା ଜେ
ଛାଳି ଜାଉଛୁଉଁ ବୁଢ଼ିରେ କନିଆଁ
ଫୁଲରେ ମର ନାଇଁ କରିଦେବ ହେଳା ଜେ।''(୪୫)

## ୯) କାନ୍ଦଣା ଗୀତ :

କାନ୍ଦଣା ଗୀତ କେବେଠୁ ଆରମ୍ଭ ହେଲା, ଏହା ଉପରେ ସଠିକ୍ ମତ ଦେବା ଅସମ୍ଭବ। ଡ. ବୀଣାପାଣି ସିଂହ କହନ୍ତି – ''କାନ୍ଦଣା ସବୁକୁ ବିଶ୍ଳେଷଣ କଲେ ଜଣାଯାଏ, ଯେତେବେଳେ ନାରୀର ସ୍ୱାଧୀନତା ଲୋପ ପାଇଲା, ସେ ଗୃହ ବନ୍ଦିନୀ ହେଲା, ପରଦା ପ୍ରଥା ଉତ୍କଟ ହେଲା, ତାକୁ ହାଣ୍ଡିଶାଳ କୋଣରେ ବନ୍ଦି କରି ରଖାଗଲା ସେତେବେଳେ ତା'ମନରେ ରୁଦ୍ଧ ଆବେଗର ପରିପ୍ରକାଶ ଏଇ କାନ୍ଦଣା।''(୪୬) କିନ୍ତୁ ଏହି ମତ ସାର୍ବଜନୀନ ନୁହେଁ, କାରଣ ଆଦିବାସୀଙ୍କ କ୍ଷେତ୍ରରେ ପୁରୁଷ ଓ ନାରୀ ଉଭୟ ସ୍ୱାଧୀନ। ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ କେତେକାଂଶରେ ସ୍ୱାଧୀନହୀନ। ତଥାପି ଏହି ମତ ଅନୁଯାୟୀ କାନ୍ଦଣାଗୀତ ପ୍ରକାଶିତ ହେବା ଅସମ୍ଭବ। ବାଥୁଡ଼ି ନାରୀ ପୁରୁଷ ସହ ସମାନ କାର୍ଯ୍ୟକରେ, କେତୋଟି ମାତ୍ର କାର୍ଯ୍ୟକୁ ଛାଡ଼ିଦେଲେ ସେ ସ୍ୱାଧୀନ ଓ ମୁକ୍ତ।

ବାଥୁଡ଼ି ନାରୀ ନିଜ ବାପାମା', ଭାଇଭଉଣୀ, ସାଙ୍ଗସାଥୀ, ସାଇସଙ୍ଗାତ, ଫୁଲ ବଉଳ ସଭିଙ୍କୁ ଛାଡ଼ି ଯେତେବେଳେ ପର ଘରକୁ ଯାଏ, ପର ଘରେ ନିଜକୁ ସଂକୋଚ, ଲଜ୍ଜା ଓ ଅସ୍ୱାଭାବିକ ମନେ କରିପାରେ। ଏହି କଥା ଭାବି ତା' ଭିତରୁ ସ୍ୱତଃସ୍ଫୁର୍ତ୍ତ ବାହାରି ଆସେ ଏହି କାନ୍ଦଣା ଗୀତ। ପୁଣି ବାଥୁଡ଼ି ନାରୀଙ୍କ କ୍ଷେତ୍ରରେ କାନ୍ଦଣା ଗୀତ ଗାଇବା ଏକ ପ୍ରଥା ଓ ପରମ୍ପରାରେ ପରିଣତ ହୋଇଯିବା

ଦୃଷ୍ଟିରୁ ସେ ଗୀତଗାଇବାକୁ ବାଧ୍ୟ ହୁଏ। ଏ ସମ୍ପର୍କରେ କୁଞ୍ଜବିହାରୀଙ୍କ ବକ୍ତବ୍ୟ ପ୍ରଣିଧାନଯୋଗ୍ୟ – ‘‘ପୂର୍ବୋକ୍ତ କୌଣସି କାରଣ ନଥିଲେ ବି ଝିଅ କାନ୍ଦେ। ମଧ୍ୟବିତ୍ତ ପରିବାରର ଏହା ଏକ ସାମାଜିକ ପ୍ରଥାରେ ପରିଣତ ହୋଇଅଛି। ନ କାନ୍ଦିଲେ ଲୋକେ କ’ଣ କହିବେ। ଏହି ଲୋକେ କ’ଣ କହିବେ ଚିନ୍ତା ଜୀବନକୁ ନିୟନ୍ତ୍ରଣ କରେ। ଯେ ନ କାନ୍ଦେ ତାକୁ ସାଇ ମାଇପେ ନିଲଜୀ ବୋଲି କହନ୍ତି। ତେଣୁ ଅପବାଦ ଦାଉରୁ ଅବ୍ୟାହତି ପାଇବା ଲାଗି ଓ ପାରମ୍ପରିକ ପ୍ରଥାର ମର୍ଯ୍ୟାଦା ରକ୍ଷା ଲାଗି ଶାଶୂଘରକୁ ଯିବା ପୂର୍ବରୁ ଝିଅକୁ ରୀତିମତେ ରୋଦନ ଅଭ୍ୟାସ କରିବାକୁ ହୁଏ।’’[(୪୭)]

ନାରୀଟିଏ ବାପଘରେ ଯେପରି ସ୍ୱାଧୀନତା ପାଏ, ଶାଶୁ ଘରେ ତା’ର ବ୍ୟତିକ୍ରମ ଘଟେ। ଶାଶୁଟି ବୋହୂ ପାଇଁ ଯେତେ ଭଲ ହେଲେ ମଧ୍ୟ ତା’ ମନ ଭିତରେ ସବୁବେଳେ କେଁଟିଏ ବସା ବାନ୍ଧେ। ଏହିସବୁ ଚିନ୍ତାଧାରାକୁ ନେଇ ତା’ର ମନରେ ଅଜଣା ଆଶଙ୍କାରେ କାନ୍ଦଣାଗୀତ ଆପଣାଛାଏଁ ଉକୁଟି ଆସେ।

ସାଧାରଣତଃ ବାଥୁଡ଼ିମାନେ ଗରୀବ, ଗରୀବ ଝିଅ ଗରୀବ ଘରେ ପାଦ ଦେଲେ ଦୁଃଖ କରିବାର କୌଣସି କାରଣ ନାହିଁ। ବାଥୁଡ଼ି ନାରୀମାନଙ୍କ କାନ୍ଦଣାଗୀତରେ ଦୁଇଟି ପରିବାରର ଚିତ୍ର ସ୍ଥାନ ପାଏ। ଗୋଟିଏ ବାପଘର, ଅନ୍ୟଟି ଶାଶୂଘର। ବାପ ମା’ ଆଖିରେ ଝିଅ ସବୁବେଳେ ଛୋଟ ପିଲା। ବାପା ମା’ ଚାହାନ୍ତି ତାଙ୍କ ଝିଅ ପାଖଯାଗାରେ ହିଁ ବିବାହ କରୁ।

ବାପା ମା’, ଭାଇ ଭଉଣୀ, କାକା ଖୁଡ଼ି, ମଉସା ମାଉସୀ, ଦାଦା ନାନା, ସଙ୍ଗାତ ବଉଳ ଏମାନଙ୍କ ମେଳରେ ରହି ଝିଅଟି ନିଜ ମନ ଭିତରେ ବିବାହ କରିବାର ମାନସିକତା ରଖିଥିଲେ ବି ଏମାନଙ୍କୁ ଛାଡ଼ି ଆଉ ଏକ ନୂଆ ଯାଗାରେ ଘରକରି ରହିବା ତାକୁ ଉଚିତ୍ ଲାଗେ ନାହିଁ। ତା’ ମୁଖରୁ ଏମାନଙ୍କୁ ନେଇ ସୃଷ୍ଟି ହୁଏ ଅନେକ ଗୀତ, ଯାହା ସ୍ୱତଃସ୍ଫୁର୍ତ୍ତ ବାହାରି ଆସେ।

ବାଥୁଡ଼ି ଜାତି କ୍ଷେତ୍ରରେ ଝିଅଟି ବିଦା ହେବା ପୂର୍ବରୁ ମାମୁଁ ମାଇଁ, କାକା ଖୁଡ଼ି, ମଉସା ମାଉସୀ, ଭାଇ ଭାଉଜଙ୍କ ଗୋଡ଼ ଧରି କାନ୍ଦେ। କାନ୍ଦି କାନ୍ଦି ମନର କଥା କହିଦିଏ, ଯେ ପର୍ଯ୍ୟନ୍ତ ସେମାନେ ନିର୍ଭୟ ବାଣୀ ପ୍ରଦାନ ନ କରିଛନ୍ତି, ସେ ପର୍ଯ୍ୟନ୍ତ ସେ ଗୋଡ଼ ଧରି କାନ୍ଦେ।

ନାରୀଟିଏ ବିଦା ହେବା ପରେ ମଧ୍ୟ ଅର୍ଥାତ୍ ବାଥୁଡ଼ି ଜାତିରେ ଝିଅଟିକୁ ବିଦା କରିବାକୁ ବାପଘରୁ ଅନେକ ଯାଆନ୍ତି ଶାଶୁଘରକୁ। ଶାଶୁଘରେ ନିଜ ଝିଅଟିକୁ ବର, ବର ପିତାମାତାଙ୍କ ଉପସ୍ଥିତିରେ ଜିମା ଦେଇ ସାରିଲା ପରେ ବାପଘରୁ ଯାଇଥିବା ସମସ୍ତ ସମ୍ପର୍କୀୟ ଫେରି ଆସନ୍ତି। ଫେରି ଆସିବା ପୂର୍ବରୁ କନ୍ୟାଟି ଉଦ୍‌ବେଗ ଓ ଆଶଙ୍କାରେ ବ୍ୟତିବ୍ୟସ୍ତ ହୋଇପଡ଼େ। ସେତେବେଳେ ବି ତା' ନିକଟରୁ ଅନେକ କାନ୍ଦଣା ଗୀତ ଆପଣାଛାଏଁ ବାହାରି ଆସେ।

କାନ୍ଦଣାଗୀତ ଏକ ଲୋକଗୀତ। ଏଥିରେ ପାଣ୍ଡିତ୍ୟ ପାଇଁ କୌଣସି ଯାଗା ରୁହେ ନାହିଁ। କିନ୍ତୁ ସେଇ ଗୀତରେ ଅଜାଣତରେ ଅନେକ କବିତ୍ୱ ଭରି ରହିଥିଲାବେଳେ ଛନ୍ଦ, ଯମକ, ଉପମା ଓ ପୁରାଣ ବୃତ୍ତରେ ଏହା ରଚିତ ହୋଇଯାଏ। ବାଥୁଡ଼ିମାନଙ୍କ କାନ୍ଦଣାଗୀତ ଏଗାର ଅକ୍ଷର ବିଶିଷ୍ଟ। ପ୍ରତିଟି ପଦର ଅନ୍ତ୍ୟରେ ସମ୍ମାନସୂଚକ ସମ୍ବୋଧନ ପଦ ଲ ବାପା, ମ ବୋଉ, ମ କାକା, ମ ଖୁଡ଼ି ଇତ୍ୟାଦି ରୁହେ। କାନ୍ଦଣା ଗୀତରେ ଝିଅଟି ନିଜେ କାନ୍ଦି କାନ୍ଦି ଗାଉଥିବାରୁ, ଏଥିରେ ପ୍ରତ୍ୟକ୍ଷ ଅନୁଭୂତି ପ୍ରକାଶ ପାଏ। କୁଞ୍ଜବିହାରୀଙ୍କ ମତରେ ''କାନ୍ଦଣାଗୀତିକା ନିବିଡ଼ ଅନୁଭୂତିର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତ।''[୪୮] ଏହି କାନ୍ଦଣାଗୁଡ଼ିକର ପାଦ ସଂଖ୍ୟା ସମାନ ନଥାଏ, କେଉଁଠି ଦୁଇ ପାଦ, କେଉଁଠି ତିନି ପାଦ, କେଉଁଠି କେଉଁଠି ଚାରି, ପାଞ୍ଚ ଓ ଛଅ ପାଦ ମିଶି ଏକ ପଦ ହୁଏ।

ଛଅ ପାଦ -   ''କବାଟ କି କରେ କୁଠେ ଗିଲେରି
ବାପା ଘର ଝିଅ ମୁଇଁ ବୁଲାରି
ବୁଲି ଆସଇଁକି ଖେଳି ଆସଇଁ
ଅଗୁଡ଼ ଧୁଆ ଘରେ ପସଇଁ
ଅଚିନ୍ତା ନାରିକି କି ଚିନ୍ତା ଦେଲ
ସବୁ ଦୁଖ ମତେ ଧରାଇ ଦେଲ।''[୪୯]

ଆଠପାଦ -   ''ପରବତ ସିଖେ କଣ୍ଟା ମାଇଁସ
ମାଡ଼ି ଆସିଲାନି କେଳା ବଉଁସ
କେହି ନ ପସିଲେ ବାଘ ମଞ୍ଚୁର
ମ ବାପା ପସିଲେ ଧନ ନୁଉର

ଧନ ତିରି ନାରି ସଁପତି କେତେ
ଜାଚି କରି ବାପା ଦେଇଛି ମତେ
ଜାଚିଲାରେ କଥା ଜେବେ ସୁଣିବି
ବଢ଼ନ୍ତା ନଦିରେ ଛିଳି ଫଳିବି।''(୫୦)

ପ୍ରଥମ ପାଦଟି ହୁଏତ ଅର୍ଥଗତ ଦୃଷ୍ଟିରୁ ପଦ ବିକାର ମୂଳକ ହୋଇପାରେ, ମାତ୍ର ତା'ର ଆବଶ୍ୟକତା ରହିଛି। ପରବର୍ତ୍ତୀ ପାଦରେ ନିଜ ମନର ଅଭିବ୍ୟକ୍ତ ପ୍ରକାଶ କରିବାପାଇଁ ତଥା ପାଦକୁ ପାଦ ମିଳେଇବା ପାଇଁ ପ୍ରଥମ ପାଦର ଆବଶ୍ୟକତା ବେଳେବେଳେ ପ୍ରଥମ ପାଦଟି ଉପମା ଅଳଂକାର ସଦୃଶ କାମକରେ। ଏହିସବୁ ଅଳଙ୍କାର ପାଇଁ ସେ ବିଦଗ୍ଧର ପରିଚୟ ଦେଇ ଚେଷ୍ଟା କରେ ନାହିଁ। ନିତିଦିନିଆ ଘଟଣା, ଚତୁଃପାର୍ଶ୍ୱର ପାରିପାର୍ଶ୍ୱିକ ସ୍ଥିତି ହିଁ ତା'ର ଉପାଦାନ।

ଯଥା:- ''ମନ୍ଦିର ଭିତରେ ଶୁଭୁଛି ଶଙ୍ଖ
ସରିଗଲା ତୁମ ଝିଆରି ଡାକ
ଡାକିନେ ଡାକିବ ମଠୁ ସାନ
ସିଏ କି ହଇବ ମର ସମାନ।''(୫୧)

ଆଉ ଗୋଟେ ଉଦାହରଣ -
"ଦୁନିଆଁ ପ୍ରସ୍ତାବ ଫେରଉ ଥିଲ
ନାଇଁ ବଲି ମୁଣ୍ଡ ହଲଉ ଥିଲ
ନିମନ ମୁହିଁକୁ ଜଗେଇ ଥିଲ
ନିମନ ମୁହିଁରେ ଭାସା ଟାଣୁଆ
ଭାସା ବାହି ଦେବ ଦୁଆର ଥାଇ
କି କଥା କହିବି ଏକେଲା ହଇ
କଥା କହୁଥିନି ସାଙ୍ଗ ଭିଳାରେ
କି କଥା କହିବି ଜାଆ ଭିଳାରେ
ଜାଆ ନାହିଁ ମର ନିଳ ମାଧବ

ନିଳ କି ପୁଖୁରି ନେବ ଗାଧେଇ।''(୫୨)

ଏଥିରେ ଦଶଟି ପାଦ ରହିଛି। ନିମନ କହିଲେ ଚୁପ୍‌ଚାପ୍ ରହୁଥିବା ଝିଅ। ସେ ଜାଆମାନଙ୍କ ସହ କିପରି କଥା କହିବ, ଏହି ଅନିଶ୍ଚିତତା ଭିତରେ ଭୟ ପାଇଯାଉଛି। ପ୍ରାୟତଃ ବାଥୁଡ଼ି ପୋଖରୀ, ନଦୀ ଓ ଝରଣାକୁ ଗାଧୋଇବାକୁ ଯାଏ। ନୂଆ ବାହା ହୋଇଥିବା ଝିଅଟି ଜାଆ ମେଳରେ, ନଣନ୍ଦଙ୍କ ମେଳରେ ବା ଝିଆରୀମାନଙ୍କ ମେଳରେ ଗାଧୋଇବାକୁ ଯାଏ।

ପ୍ରତ୍ୟେକ କନ୍ୟା ନିଜ ଶାଶୁ, ନଣନ୍ଦ କଠୋର ନିର୍ଯ୍ୟାତନା ଦେଉଥିବା ନାରୀ ସହ ତୁଳନା କଲାବେଳକୁ ବରକୁ ମୁର୍ଖ, ଦରିଦ୍ର, ଅସୁନ୍ଦର, ବୃଦ୍ଧ ରୂପେ ଚିତ୍ରଣ କରିଥା'ନ୍ତି।

ବାଥୁଡ଼ି ଜାତିରେ ଜେଜେ ବାପାକୁ ଦାଦା ଓ ଜେଜେ ମା'କୁ ନାନା ବୋଲି ସମ୍ବୋଧନ କରାଯାଏ।

ଯଥା:- ଯିବ କି ନ ଯିବ କୁହନା ମତେ ମ ନାନା
ଯିବ କହିନେ ମନ ହରସ
ନାଇଁ କହିବ ଯେ କରିବି କିସ ମ ନାନା
ମ ମୁଣ୍ଡ ଖାଇବ ସଭିଏଁ ଯିବ
କଂସ ପାକ କୁଠା ଦେଖି ଆସିବ
କଂସ ପାଟ କୁଠା ବାବୁ କଟରି
ମାଡ଼ି ଦେଲେ ଗୁଡ଼ ଯିବ ଖସରି ମ ନାନା।''(୫୩)

ଏହିପରି ଭାବରେ ବାହାଘର କିଛିଦିନ ପୂର୍ବରୁ କନ୍ୟାଟି ବ୍ୟକ୍ତିଗତ ଭାବେ ଯାଇ ମାମୁ, ଖୁଡ଼ି, ମାଇଁ, ଅଜାଙ୍କ ପାଖରେ ଗୀତ ଗାଏ, ପୁଣି ବାହାଘର ଆରମ୍ଭରୁ ଶେଷ ଯାଏ, ସେ କାନ୍ଦଣା ଗୀତ ଗାଏ।

## ଗ) ଦୋଳି ଗୀତ :

ବାଥୁଡ଼ିମାନଙ୍କ ମୁଖ୍ୟ ପର୍ବ ଭିତରେ ରଜପର୍ବ ଅନ୍ୟତମ। ଏହିଦିନ ଝିଅବୋହୂ ସମସ୍ତେ ଦଳଦଳ ହୋଇ ରଜ ପିଠା ଖାଇ ଦୋଳିରେ ଝୁଲନ୍ତି, ଗାଆନ୍ତି, ସାରାଦିନ ମଉଜ ମଜଲିସ୍‌ରେ ସମୟକୁ ଅତିବାହିତ କରିଦିଅନ୍ତି। ଡ. ରାଜକିଶୋର ନାୟକଙ୍କ ମତରେ ରଜ ପର୍ବ ସହ ଦୋଳି ଗୀତ ଗାଇବାର ସମ୍ପର୍କ ଅତି ନିବିଡ଼। ତାଙ୍କ ମତରେ – ''ରଜ ପର୍ବରେ ଦୋଳିଗୀତ ବୋଲିବା ପରମ୍ପରାରୁ ଏହାର ଉଦ୍‌ଭବ ହୋଇଥିଲେ ମଧ୍ୟ ମଣିଷର ବିଭିନ୍ନ କର୍ମପର୍ଯ୍ୟାୟ ସହିତ ଏହାର ସଂଯୋଗ ଅତ୍ୟନ୍ତ ଉପଭୋଗ୍ୟ ହୋଇଥାଏ। କ୍ଷେତବାଡ଼ି, ବଣଜଙ୍ଗଲ ଓ ସର୍ବୋପରି ବନ୍ଧୁ ଗ୍ରାମରେ ଢାଙ୍ଗୁଆ ଢାଙ୍ଗୁଳିଙ୍କ ମଧ୍ୟରେ ଏହି ଦୋଳିଗୀତର ବାଦି ଯୁବପ୍ରାଣରେ ଏକ ଅଫୁରନ୍ତ ଅଭିବ୍ୟକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ମୌଖିକ ଗୀତରୁ ବାଥୁଡ଼ି ଜାତିର ସଂସ୍କୃତି ଓ ସମାଜ ଜୀବନର ଚିତ୍ର ସହଜରେ ଉପଲବ୍‌ଧି ହୋଇଥାଏ।''[୫୪]

ଏହି ରଜ ତିନି ଦିନ କୌଣସି ମାଟିକାମ ପାଇଁ ବାରଣ କରାଯାଏ। ଏଥିପାଇଁ ବାଥୁଡ଼ିପ୍ରବଣ ଅଞ୍ଚଳରେ ଏକ କିମ୍ବଦନ୍ତୀ ଅଛି ଯେ, ମାଇଁ ଦ୍ୱାରା ପ୍ରେରିତ ଭାଣିଜୀ ରଜରେ ବିଲକାମ କରିବାକୁ ଯାଇ ସାପରେ ପରିଣତ ହୋଇଗଲା। ଝିଅ କ'ଣ, ପୁଅ ପିଲାମାନେ ମଧ୍ୟ ଏହି ତିନି ଦିନ ମଉଜ ମଜଲିସ୍‌ରେ ସମୟ ବିତାଇଥାଆନ୍ତି। ଏହି ଦିନଗୁଡ଼ିକରେ କୁଣିଆ ଯିବା, ମଇତ୍ର ବା ଫୁଲ, ସଙ୍ଗାତ ବସିବା କାର୍ଯ୍ୟ ହୁଏ। ଏହି ରଜ ତିନିଦିନ ପିଠାପଣା ସହ ମାଂସ ତରକାରୀ ହୁଏ। ମେଣ୍ଢା, ଛେଳି, କୁକୁଡ଼ା ଏଥିପାଇଁ ଏହି ତିନିଦିନ ପାଳନ କରାଯାଇଥାଏ। ହୁଏତ ଏହି ଦିନ ହିନ୍ଦୁଧର୍ମ ଅନୁଯାୟୀ ସଂକ୍ରାନ୍ତି ଅଟେ, କିନ୍ତୁ ଆଦିବାସୀ କ୍ଷେତ୍ରରେ ପର୍ବମାନେ ହିଁ ଆଇଁସ ଖାଇବା ଦୃଷ୍ଟିରୁ ମାଂସ ତରକାରୀରେ ସମସ୍ତଙ୍କୁ ଅପ୍ୟାୟିତ କରାଯାଏ। ଏହି ସମୟରେ ସମସ୍ତେ ଘରମୁହାଁ ହୁଅନ୍ତି, ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଘରମୁହାଁ ହେବା ସୁନିଶ୍ଚିତ। ବାଥୁଡ଼ି ପୁଅ ପିଲାମାନେ ରଜ ଆଗରୁ ଜଙ୍ଗଲ ଯାଇ ରଜ କାଠ ଆଣନ୍ତି। ରଜ କାଠରେ ଦୋଳି ପ୍ରସ୍ତୁତ ହୁଏ। ଦୋଳିରେ କଜ୍ୱଳ ସିନ୍ଦୂର ଦିଆଯାଏ। ଦୋଳିକି ବନ୍ଦାପନା କରାଯାଏ। ଏହାପରେ ଦୋଳିରେ ଝୁଲିବା କାର୍ଯ୍ୟ କରାଯାଏ।

ରଜ ପର୍ବରେ ପ୍ରତ୍ୟେକ ଓଡ଼ିଆ ଦୋଳିରେ ବସିବାକୁ ଆଶା ରଖନ୍ତି। ରଜ ସଂକ୍ରାନ୍ତିରେ ବାଥୁଡ଼ି ଦୋଳିରେ ବସିବା ସହ ଦୋଳି ଗୀତ ଗାଏ। କୁଞ୍ଜବିହାରୀ ଦାଶଙ୍କ ମତରେ – ''କୈଶୋର ଜୀବନର

ହିଲ୍ଲୋଳ ମଧ୍ୟରେ ବଧୂର ଶ୍ୱଶୁରଗୃହ ଯାତ୍ରା, ଶାଶୂ ନଣନ୍ଦଙ୍କ ଅତ୍ୟାଚାର, ସପତ୍ନୀ ବିବାଦ, ସ୍ୱାମୀଙ୍କ ସ୍ନେହହୀନତା, ବୃଦ୍ଧ ବିବାହରେ ବଧୂର ନୈରାଶ୍ୟ, ପ୍ରେମ, ବିରହ, ଅଭିସାର, ଚିଟାଉ ଲେଖା, ପାଳଟା କନ୍ୟା ବିବାହ, ଦାମ୍ପତ୍ୟ କଳହ, ଦେବରର ପରିହାସରସିକତା, ରାଜାଙ୍କ ସ୍ୱେଚ୍ଛାଚାରିତା ଓ ସାହୁ ମହାଜନଙ୍କ କୃପଣତା ପ୍ରଭୃତି ବହୁବିଧ ପାରମ୍ପରିକ, ସାମାଜିକ ବିଷୟ ଓ ସୁଖ ଦୁଃଖର କ୍ଷୁଦ୍ରାତିକ୍ଷୁଦ୍ର କାହାଣୀ ପ୍ରକାଶ ପାଇଅଛି। ଚିନ୍ତାଦୀପ୍ତ ମନ ନୁହଁ, ନାରୀର ସ୍ନେହାଳୁ କୋମଳ ଅନ୍ତରର ନିବିଡ଼ ସ୍ପର୍ଶ ମିଳେ, ସେଇ ଦିଗରୁ ହିଁ ଦୋଳିଗୀତ ମହୀୟାନ''[୫୫] ଦୋଳିଗୀତ ରୂପେ ରାଜାରାଣୀ ଉପାଖ୍ୟାନ, କିମ୍ବଦନ୍ତୀ ରାମାୟଣ, ମହାଭାରତରୁ ବିଷୟବସ୍ତୁକୁ ବୋଲିବା ସହ ଯୁବକ ଯୁବତୀ ମଧ୍ୟରେ ପ୍ରେମର ଚର୍ଯ୍ୟା ହୋଇଥାଏ। ବାଥୁଡ଼ି ଦୋଳିଗୀତରେ ପ୍ରଥମେ ଦୋଳିପଟ୍ଟା, ଦଶ ଦିଗପାଳ, ଗ୍ରାମ ଠାକୁରାଣୀ, ବଡ଼ାମ ଠାକୁରଙ୍କୁ ବନ୍ଦନା କଲାପରେ ପୌରାଣିକ ଉପାଖ୍ୟାନ ହେଉ କିମ୍ବା ଅନ୍ୟ ଇତିହାସ କିମ୍ବଦନ୍ତୀ ସମ୍ପର୍କିତ ଉପଖ୍ୟାନ ଦୋଳିଗୀତ ରୂପେ ବୋଲାଯାଏ। ତା'ପରେ ପ୍ରତିଦ୍ୱନ୍ଦି ମିଳିଲେ କିମ୍ବା ପୁରୁଷମାନେ ଝିଅମାନଙ୍କୁ ଦେଖି ଝିଅମାନେ ପୁରୁଷଙ୍କୁ ଦେଖି ଗୀତ ଗାଇବା ଆରମ୍ଭ କରିଦିଅନ୍ତି। ବେଳେବେଳେ ଏହି ଦୋଳିଗୀତ ବୌଦ୍ଧିକତା ଓ ପ୍ରଶ୍ନୋତ୍ତରର ସ୍ତରକୁ ଚାଲି ଆସିଲେ ତାହା ବାଦିଗୀତ ରୂପେ ପରିଗଣିତ ହୁଏ। ଦୋଳିଗୀତକୁ ହିଁ ବାଥୁଡ଼ିମାନେ ଖଞ୍ଜାଗୀତ, ଡାଳଭଙ୍ଗା ଗୀତ, ପିଲା ଢାଙ୍ଗୁଳିଆ ଗୀତ ବୋଲି ମଧ୍ୟ କହିଥାଆନ୍ତି। ଏଥିରେ ପ୍ରେମ ସହ ପାରିପାର୍ଶ୍ୱିକ ଚିତ୍ର ପ୍ରତିଫଳିତ ହେବା ସହ ଜଣକ ପ୍ରେମର ଅନୁଭବକୁ ସାମଗ୍ରିକ ରୂପେ ପ୍ରକାଶିତ କରାଯାଏ।

ବିଷୟବସ୍ତୁକୁ ଦୃଷ୍ଟିରେ ରଖି ଦୋଳିଗୀତକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ। ଯଥା:-

୧) ବନ୍ଦନା ଗୀତ

୨) ବାରମାସୀ ଗୀତ

୩) ସାପ୍ତାହିକ ଗୀତ

୪) ଧାଡ଼ି ଗୀତ

୫) ଖଞ୍ଜା ଗୀତ

## ୧)  ବନ୍ଦନା ଗୀତ :

ଦୋଳିରେ ଝୁଲିବାର ପ୍ରଥମ ଗୀତ ହେଉଛି ବନ୍ଦନା ଗୀତ। ଅନ୍ୟାନ୍ୟ ଦୋଳିଗୀତ ଗାଇବା ପୂର୍ବରୁ ବନ୍ଦନା କରାଯାଏ। ବନ୍ଦନା ଗୀତ ନ ଗାଇ ଅନ୍ୟ ଗୀତ ଗାଇହୁଏ ନାହିଁ। ବନ୍ଦନା ସମୟରେ ସମସ୍ତ ଦେବଦେବୀ, ଦୋଳିରେ ପ୍ରତ୍ୟେକ ବିଭାଗକୁ ଗୀତାଳୁ ବନ୍ଦନା କରି ଆଶୀର୍ବାଦ ଭିକ୍ଷା କରେ। ଯଥା:-

''ଆମ୍ବ ପତ୍ର ଠାକୁ ଠାକୁ
ବନ୍ଦନା କରୁଛି ହ ଦୁଳିପଟାକୁ
ଦୁଳି ପଟାକୁ ହ ଦୁଳି ଗିତ ବଲିବାକୁ।''

''ବିଲ ମାଟି ହୁଲା ହୁଲା
ବନ୍ଦନା କରୁଛି ହ ଦୁଳିରି କିଳା
ଦୁଳିରି କିଳା ହ ମ ଗିତ ଆସିବ ଧିରା।''(୫୬)

ପୁଣି ଦୋଳି ଝୁଲିବା ସମୟରେ ସେ ଗାଏ -

''ଘରୁ ମୁଇଁ ବାହାରିଲି
ଗ୍ରାମଦେବୀକୁ ମୁଣ୍ଡେ ମାରିଲି
ମୁଣ୍ଡେ ମାରିଲି ହ
ତା ପାଦେ ଶରଣ ଗଲି।।''(୫୭)

ଦୁଳି ଖୁଂଟ ମୁଳେ ଲୁଣ
ଅରୁଆ ଚାଉଳ ଗୁଆଟେ ଆଣ
ଗୁଆଟେ ଆଣ ହ
କରିବା ଦୁଳି ବନ୍ଦାଣ।।''(୫୮)

ଦୋଳିରେ ଲାଗିଥିବା ପଟା, କିଳା, ଖୁଣ୍ଟ, କାଠର ବାହି, ଖୁଣ୍ଟକୁ ପୋତା ହୋଇଥିବା ଧରଣୀ ଦେବୀକୁ ବନ୍ଦାଣ କରାଯାଏ। ଦଶଦିଗପାଳ ଓ ବଡାମ ବୁଢ଼ା, ବଡାମ ବୁଢ଼ୀ ବି ଏଥିରୁ ବାଦ୍ ଯାଇ ନ ଥା'ନ୍ତି। ପୁରୀ ଦେଉଳକୁ ବନ୍ଦନା କରି ଗାଏ -

''ଭାଙ୍ଗିନି ଭାଲିଆ ଡାଳ,
ବନ୍ଦାଣ କରୁଛି ପୁରି ଦେଉଳ
ପୁରି ଦେଉଳ ହ ଗିତ ହେବ ଚହଳ।।''[୫୯]

ଘୋଡ଼ାର ଟାପୁ, ବାଉଁଶ କୋଣୀ, କପୋତ ଚଢେଇ, କଦଳୀ ପତ୍ର, କ୍ଷେତ ବାଡ଼ି, ପୁରୀ ଦେଉଳ ଏସବୁ ପ୍ରତ୍ୟେକଟି ଅଙ୍ଗେନିଭା ଛୋଟ ଛୋଟ କାର୍ଯ୍ୟ ବା ଅନୁଭୂତି ଗୀତରେ ମହନୀୟ ହୋଇଯାଏ। ବନ୍ଦନା ଗୀତରୁ ବାଥୁଡ଼ି ଜନଜାତି ଶୈବ, ବୈଷ୍ଣବ ଓ ଶାକ୍ତ ପରମ୍ପରାର ଉପାସକ ଓ ପୂଜାରୀ ଅଟନ୍ତି ବୋଲି ପ୍ରତ୍ୟୟମାନ ହୁଏ। କିନ୍ତୁ ସବୁଠାରୁ ବଡ଼କଥା ବାଥୁଡ଼ି ସବୁ ଦେବଦେବୀଙ୍କୁ ବନ୍ଦନା ଓ ସମ୍ମାନ ଦେଇଥାଏ। ବାସୁକୀ ମାତାକୁ ବନ୍ଦନା କରି ଗାଏ।

''ବିଲରେ ଫୁଟଇ କାଣି
ବନ୍ଦନା କରୁଛି ହ ଗାଁ ବାସୁକି
ଗାଁ ବାସୁକି ହ ଦୁଲିରେ ବସିନୁ ଆସି।।[୬୦]

ବୈଷ୍ଣବ ଧର୍ମର ଉପାସକ ହୋଇ ସେ ଗାଏ –

''କପତା ଚହ୍ଲେଇ ଭୁକୁ
ବନ୍ଦାଣ କରୁଛି ରଘୁନାଥଙ୍କୁ
ରଘୁନାଥଙ୍କୁ ହ ଦୁଲିଗିତ ଗାଇବାକୁ।''[୬୧]

ଶାକ୍ତ ଧର୍ମର ଉପାସକ ହୋଇ ସେ ଗାଏ –

''ବାଡ଼ିରେ ଭାଙ୍ଗିନି ବେତ
ମାଆ କାଳିକି ଏ ଦଣ୍ଡବତ
ଏ ଦଣ୍ଡବତ ହ
ଆଜି କି ପହିଲି ଗିତ।''[୬୨]

ଦୋଳିଗୀତରେ ଦେବଦେବୀଙ୍କୁ ବନ୍ଦନା କଲାବେଳେ ଆଞ୍ଚଳିକତାର ମଧ୍ୟ ପ୍ରଭାବ ପଡ଼େ। ନିଜ ସ୍ଥାନ, ଗାଁ ମାଟିର ମମତ୍ୱବୋଧକୁ ହୃଦୟରେ ସ୍ଥାପି ତାକୁ ମଧ୍ୟ ବନ୍ଦନା କରିବାକୁ ବାଥୁଡ଼ି ପଛାଏ ନାହିଁ।

ଯଥା:- ''ଗରିଆ ଘୁଂଚା ତେଣିକି
ବନ୍ଦାଣ କରୁଛି ଧାନବେଣିକି,
ଧାନବେଣିକି ହ ଦୁଳିଗିତ ଆସୁ ଏଣିକି।''(୬୩)

''କଦଳି ପତର ଚିରା
ବନ୍ଦାଣ କରୁଛି ବାର୍‌ହାଟିପିରା
ବାର୍‌ହାଟିପିରା ହ
ମ ଗିତ ହଇବ ଧିରା।''(୬୪)

ଦୋଳିଗୀତରେ ବନ୍ଦାଣବେଳେ ଇଷ୍ଟଦେବତା, ଶୂନ୍ୟ ପୁରୁଷ 'ଶ୍ରୀବଡ଼ାମ'ଙ୍କୁ ବାଥୁଡ଼ି ଜାତି ବନ୍ଦନା କରିବାକୁ ଭୁଲେ ନାହିଁ। ବଡ଼ାମ ବନ୍ଦନା ଅନ୍ୟାନ୍ୟ ସଂପ୍ରଦାୟର ଦୋଳିଗୀତଠାରୁ ପୃଥକ କରିଦିଏ। ବାଥୁଡ଼ିମାନଙ୍କ ଦୋଳିଗୀତରେ ସମସ୍ତ ଦେବଦେବୀ ଦୋଳି ପଟ୍ଟା, ଖୁଣ୍ଟ ସହ 'ବଡ଼ାମ'ଙ୍କ ବନ୍ଦନା କରି ଅଶେଷ କୃପା ଭିକ୍ଷା କରେ।

''କାଟିନି ନଙ୍ଗଳ ମୁଣ୍ଡା
ତା' ପରେ ବନ୍ଦୁଛେଇଁ ବଡ଼ାମ ବୁଢ଼ା
ବଡାମ ବୁଢ଼ା ହ
ମଘି ତ ଆସିବ ଉଡ଼ା।''(୬୫)

## ୨) ବାରମାସୀ ଗୀତ :

ବାରମାସୀ ଦୋଳିଗୀତରେ ପ୍ରଥମେ ମାର୍ଗଶୀର ମାସରୁ ଗୀତ ଆରମ୍ଭ ହୁଏ। ବାରମାସୀ ଗୀତରେ ମାସ ଅନୁଯାୟୀ ଚିନ୍ତା ଅନୁଚିନ୍ତା, ପ୍ରେୟସୀ ବିନା ଜୀବନର ଚଳଣି ରୂପ ପାଇଥାଏ, ପୁଣି ଏଥିରେ ମଧ୍ୟ ପୁରାଣର ବିଷୟବସ୍ତୁକୁ ସ୍ଥାନିତ କରି ଲୋକ କବି ଗୀତରେ ପସରା ମେଲିଦିଏ କୁଞ୍ଜବିହାରୀ ଦାଶଙ୍କ ମତରେ – ''ଚଉତିଶା ପରି ଅକ୍ଷର ନିୟମରେ ଆବଦ୍ଧ ହୋଇ ନଥିବାରୁ ଏଥିରେ କୃତିମତା ନାହିଁ। କିନ୍ତୁ ବହୁ ବାରମାସୀର ପ୍ରକାଶଭଙ୍ଗୀ ଓ ଭାବଧାରା ଏକ। ବିଷୟ ବିନ୍ୟାସରେ ବୈଚିତ୍ର୍ୟ ଅଳ୍ପ। ବୋଲିଲେ ହିଁ ବାରମାସୀର ଯଥାର୍ଥ ମାଧୁରୀ ଫୁଟି ଉଠେ । ବିଭିନ୍ନ ରାଗରାଗିଣୀରେ ଭାବର ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏହା ବର୍ଷକ ସୁଖ ଦୁଃଖର ଏକ ନିର୍ଜୀବ ତାଲିକା ନୁହେଁ, ବ୍ୟକ୍ତିର ସୁଖ ବା ଦୁଃଖ ଏଥିରେ ସାର୍ବଜନୀନ ଓ ସର୍ବକାଳୀନ ପ୍ରତିଷ୍ଠା ଲାଭ କରିଅଛି।''(୬୬)

୧) ''ଆଦ୍ୟ ମାର୍ଗଶୀର ହେଲା
ଯୁବାକାଳେ କାନ୍ତ ବିଦେଶ ଗଲା
ବିଦେଶ ଗଲା ହ ଅନ ଜଳ ବିସ କଲା।''(୬୭)

୨) ''ପୁସ ମାସ ବଡ଼ ରାତି
କାନ୍ତ ବିନେ ମର୍ ବଢୁଛି ଭିତି
ବଢୁଛି ଭିତି ହ ବିହି କଲା ଛତି ବିତି।।''(୬୮)

୩) ମାଘ ମାସ ବଡ଼ ଜାଡ଼
ଥିନେ କାନ୍ତ ମର ବସନ୍ତା କଡ
ବସନ୍ତା କଡ ହ ଧାତା କଲା ଛାଡ ବାଡ଼।।''(୬୯)

ମାଘ ପରେ ପରେ ଫଗୁଣ ମାସ, ଫଗୁଣ ମାସରେ ରାଧାକୃଷ୍ଣ ଦୋଳି ଖେଳିବେ। ହୋଲି ଉତ୍ସବ ଭିତରେ ରାଧାଗୋବିନ୍ଦ ଉତ୍ସବ ଉଦ୍ଦିପନାରେ ଶୋଭା ପାଇବେ। ଚଇତ ପର୍ବରେ କିଆ ଫୁଲ ଫୁଟିବା ସହ ଫଗୁଣ ଓ ଚୈତ୍ର ମାସରେ ବିବାହ ଯୋଗ ରହିଥାଏ। ବୈଶାଖ ମାସରେ ପୃଥିବୀ ଶୁଷ୍କ ହୋଇଯାଏ ଓ ପାଣି ଟୋପାଏ ପାଇଁ ଜୀବଜଗତ ହାହାକାର ହୁଏ। ଜ୍ୟେଷ୍ଠ ମାସରେ ଫଳଗୁଡ଼ିକ ପାଚି

ସମସ୍ତଙ୍କ ଖୁଦା ନିବାରଣ କରେ। ଆଷାଢ଼ ଓ ଶ୍ରାବଣ ମାସରେ ବର୍ଷାର ବିହୁନେ ସୃଷ୍ଟିନାଶ ହୁଏ। ଭାଦ୍ରବରେ ମଲ୍ଲୀଫୁଲ ଫୁଟେ। ଆଶ୍ୱିନ କାର୍ତ୍ତିକରେ କାର୍ତ୍ତିକ ଉତ୍ସବ ଅନୁଷ୍ଠିତ ହୁଏ। ଏହି ସବୁ ପୂଜା ପାର୍ବଣ ଉତ୍ସବ ଭିତରେ ନାୟିକା ନିଜ ପ୍ରେୟସୀର ବିଚ୍ଛେଦରେ ମର୍ମାହିତ। ଏସବୁ ଗୀତର ଅବତାରଣା ଶ୍ରୋତାକୁ ଶୁଣିବା ପାଇଁ ବାଧ୍ୟ ଓ ଆନନ୍ଦ ପ୍ରଦାନ କରେ। ଏଥିରେ ପୁଣି ନୈର୍ବିକ୍ତିକ ଚେତନା ସହ ସାର୍ବକାଳୀନ ଓ ସାର୍ବଜନୀନ ସତ୍ୟତା ପ୍ରକଟିତ ହେଉଥିବାରୁ ଶ୍ରୁତିମଧୁର ହୋଇଥାଏ ଓ ଶୁଣିବା ଉପଯୋଗୀ ହୁଏ।

**୩) ସାପ୍ତାହିକ ଗୀତ :**

ସପ୍ତାହକୁ ସାତ ଦିନ। ସାତ ଦିନର କର୍ମମୟ ଜୀବନ ଭିନ୍ନ ଭିନ୍ନ। ବାଥୁଡ଼ିମାନଙ୍କ କ୍ଷେତ୍ରରେ ମଧ୍ୟ ବାରଗୁଡ଼ିକର ମହତ୍ତ୍ୱ ରହିଛି। ସେଥିପାଇଁ ଦୋଳିଗୀତରେ ବାରମାସୀ ଗୀତ ପରି ସାତଟି ବାରକୁ ନେଇ ଗୀତର ପରିକଳ୍ପନା। ଏହି ସାପ୍ତାହିକ ଗୀତରେ ବି ପ୍ରେୟସୀର ଅନୁଚିନ୍ତା, ପ୍ରେମ, କାନ୍ତ ବିନା ସ୍ଥିତି ଇତ୍ୟାଦି ସ୍ଥାନ ପାଏ, କିନ୍ତୁ ବାରମାସୀ ଗୀତ ପରି ସେଭଳି ବିଚ୍ଛେଦର ପରିକଳ୍ପନା ନ ଥାଏ।(୭୦)

ଯଥା:- ''ଆଜି ରବିବାର
କେଣେ ଛାଡ଼ିଗଲ ମ ଭାଗ୍ୟବନ୍ତ
ମ ଭାଗ୍ୟବନ୍ତ ହ ଚଞ୍ଚଳେ ଆସିବ କାନ୍ତ।।''(୭୧)

''ଆଜି ସମବାର ସମ
ଯିଇଁନ୍ତି ବହୁଛି ଥଣ୍ଡା ପବନ
ଥଣ୍ଡା ପବନ ହ ସେଇମିତି ଆମ ମନ।।''(୭୨)

''ଆଜି ମଙ୍ଗଳବାର ଏକା
ଦେଇ ପଠାଇବ କାଗଜ ନେଖା
କାଗଜ ନେଖା ହ ସଙ୍ଗାତ ହାଆକେ ଦେଖା।''(୭୩)

'ସଙ୍ଗାତ' ହେଉଛି ପ୍ରେୟସୀ ପାଇଁ ଅଭିପ୍ରେତ ସମ୍ବୋଧନ ପଦ। ପ୍ରେମିକା ନିଜ ମନକଥା କହୁ କହୁ ସୋମାବାରଠୁ ରବିବାର ପର୍ଯ୍ୟନ୍ତ ସାର୍ବଜନୀନ ସ୍ଥିତିର ଉଲ୍ଲେଖ କରିଥାଏ। ଏହା ଭିତରେ ବୁଧବାରର ହାଟ, ହାଟରୁ ଧରି ଆସୁଥିବା ଗୁଆପାନ, ଗୁରୁବାରରେ ଝିଅ ବୋହୂମାନେ ଦେଉଥିବା ଝୋଟିଚିତ୍ର, ଗୁରୁବାରର ସଂକ୍ରାନ୍ତି ପାଇଁ ଝିଅବୋହୂଙ୍କ ଆଇଁଷ ନିଷେଧ, ଶନିବାରର ଶନିଦେବଙ୍କ କୋପ ହେତୁ ରାହୁର ପ୍ରବେଶ ଇତ୍ୟାଦି ସେ ଗୀତ ପ୍ରେୟସୀକୁ ଗୀତରେ ହରେଇ ଦେଇପାରିବ ବୋଲି ଆଶା ପୋଷଣ କରେ।

ଯଥା:- "ଗୁରୁବାର ସଂକରାନ୍ତି
ସ୍ତ୍ରୀ ଝିଅମାନେ ଝଟି ଦିଅନ୍ତି
ଝଟି ଦିଅନ୍ତି ହ ଲକ୍ଷ୍ମିପାଦ ପକାନ୍ତି।।''(୭୪)

''ଶୁକ୍ରବାର ଦିନ ସୁକ
ଜିଇଁ ଥାଉଁ ଥାଉଁ ବହୁତ ନୁକ
ବହୁତ ନୁକ ହ ଜଗତେ ହସିବ ନୁକ।।''(୭୫)

ଶନିବାରରେ ପୂଜା ପାଉଥିବା 'ବଡ଼ାମ' ଓ ନିଜ ପ୍ରତି ପ୍ରେୟସୀର ଆକର୍ଷଣ ହେତୁ ସେମାନେ ରାଣୀରଜା ହେବେ ବୋଲି ପ୍ରୟାସ କରିବେ।

ଯଥା:- ''ଶନିବାର ବଡାମ ପୁଜା
ତୁଇ ହେଉଛେ ମକେ ଆଉଜା
ମକେ ଆଉଜା ହ ଆମେ ହେବା ରାଣି ରଜା।''(୭୬)

**୪) ଧାଡ଼ି ଗୀତ :**

ଏଗୁଡ଼ିକ ଐତିହାସିକ, ପୌରାଣିକ ଓ କିମ୍ବଦନ୍ତୀମୂଳକ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଇ ଗୀତ ଗାଇବାକୁ ହୁଏ। ''ଦୋଳି ଗୀତ ପରେ ପରେ ଆସେ ଧାଡ଼ି ବନ୍ଧା ଗୀତ। ଏଇ କ୍ଷେତ୍ରରେ ଉଭୟ ପକ୍ଷ

ଗୋଟିଏ ଗୀତକୁ ଶିଖିଥାଆନ୍ତି। ଯଦି ଉଭୟ ପକ୍ଷ ଗୋଟିଏ ଗୀତକୁ ଶିଖି ନ ଥାନ୍ତି, ତେବେ ଯେଉଁ ପକ୍ଷର ସଦସ୍ୟ ଉକ୍ତ ଗୀତଟିକୁ ଆରମ୍ଭ କରନ୍ତି, ସେଇମାନେ ହିଁ ଶେଷ କରିଥା'ନ୍ତି।''(୭୭)

ଧାଡ଼ିଗୀତ ଗୁଡ଼ିକ ଆଗରୁ ଖଞ୍ଜା ହୋଇ ରହିଥାଏ, ତାକୁ ମନେରଖି ଗାଇବାକୁ ହୁଏ। ଯଦି ଉଭୟ ଦଳ ନଥାନ୍ତି ଗୋଟିଏ ଦଳ ହିଁ ଧାଡ଼ି ପରେ ଧାଡ଼ି ପୁରାଣ, କିମ୍ବଦନ୍ତୀ, ଇତିହାସର ବିଷୟ ବସ୍ତୁକୁ ନେଇ ଗୀତ ଗାଆନ୍ତି। ଏହି ଧାଡ଼ିଗୀତଗୁଡ଼ିକ ନାରୀପୁରୁଷ ଉଭୟ ବାଦି ଅକାରରେ ମଧ ଗାଆନ୍ତି।

ଶ୍ରୀକୃଷ୍ଣଙ୍କ କୈଶୋର ସମୟର ଧୂଳିଖେଳ, ରାଧା କୃଷ୍ଣଙ୍କ ସହ ଖେଳିବା ଭିତରେ ଉତ୍ପନ୍ନ ହେଉଥିବା ପ୍ରେମ ଆଦି ଦୋଳିଗୀତରେ ସ୍ଥାନ ପାଏ। ଆରମ୍ଭରେ 'ଶୁଣ ହେ ବାଳକ କଥା' ବୋଲି ସମ୍ବୋଧନ କରାଯାଇଛି।

ଯଥା:- ''ଶୁଣ ହେ ବାଳକ କଥା
ଧୂଳି ଖେଳୁଥିଲେ କାହା ଦୁହିତା
କାହା ଦୁହିତା ହ ଚଉପାଶେ ତରୁଲତା''(୭୮)

''ଆସୁଥିକି ଏଇ ପଥେ
ଧୂଳି ଖେଳିବାକୁ ଡାକିଲ ମକେ
ଡାକିଲ ମକେ ହ ଖେଳିଲି ତୁମ ସହିତେ।।''(୭୯)

ରାଧାକୃଷ୍ଣଙ୍କ ପ୍ରେମ ବିରହ, ଅଭିମାନ ରାଗରୁଷା ଇତ୍ୟାଦିର ଚିତ୍ର ମାନବିକ ସ୍ତରକୁ ଯାଇ ଦୋଳିଗୀତରେ ରୂପ ପାଇଛି। ନାରୀପୁରୁଷର ଛୁଆଁଛୁଇଁ ଖେଳ ଭିତରେ ଲୋକ କବି ଏସବୁକୁ ହୃଦୟଙ୍ଗମ କରି ଗାଏ।

ନାରୀ -''ଖେଳିମୁ ନାହିଁ ଏ ଖେଳ
ତୁମେ ନଟବର ଭାରି ଖେଚଳ
ଭାରି ଖେଚଳ ହ ଛୁଇଁନେ ଅଛୁଆଁ ଫଳ।।''(୮୦)

ପୁରୁଷ- ''ହଇଛ ପାଞ୍ଚ ବରଷ

ତ ଅଂଗ ଛୁଇଁଲେ ନ ଲାଗେ ଦୁସ

ନ ଲାଗେ ଦୁସ ହ ମୁଇଁ ନାଇଁ ଯୁବା ପୁରୁଷ।।''(୮୧)

ଧୂଳି ଖେଳରେ କୃଷ୍ଣ କୈଶୋର ଅବସ୍ଥାରେ ଚପଳତା, ଅଝଟ ଓ ଦୁଷ୍ଟପଣ, ରାଧିକାକୁ ପାଖରେ ପାଇ ପ୍ରକାଶ ପାଉଥିବା ଯୌବନ ଅବସ୍ଥାରେ ଧାଡ଼ିଗୀତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଦିଏ।

ଯଥା:- ''ଏକ ଦିନେ ବଂସିଧାରି

ରାଧିକା ସୁନ୍ଦରି ହ ମନରେ କରି

ମନରେ କରି ହ ଗରିଆ ଧରି ଗନେଇ ବାହାରି।।''(୮୨)

''ଦୁଇରେ ଦୁଇ ଦିତିକା

ଡାକ ପଚାରନ୍ତି ହ ଶ୍ରୀକୃଷ୍ଣ ଏକା

ଶ୍ରୀକୃଷ୍ଣ ଏକା ହ କାହିଁ ସଖି ରାଧିକା।।''(୮୩)

ଯୌବନ ଅବସ୍ଥାରେ କୃଷ୍ଣ ରାଧାଙ୍କ ପ୍ରେମର ଚିତ୍ର ବିରହରେ ପରିଣତ ହୋଇଛି। ଏହି ଧାଡ଼ିଗୀତରେ ଆରମ୍ଭରେ ଏକ, ଦୁଇ, ତିନି, ଚାରି, ପାଞ୍ଚ ଇତ୍ୟାଦି ଶବ୍ଦକୁ କ୍ରମାନ୍ୱୟରେ ପାଦର ଆଦ୍ୟଭାଗରେ ରଖି ଗୀତଗୁଡ଼ିକ ପ୍ରକାଶିତ ହୋଇଛି।

ପ୍ରଶ୍ନୋତ୍ତରମୂଳକ ଧାଡ଼ିଗୀତଗୁଡ଼ିକ ପ୍ରଶ୍ନ ପଚାରିବା ପାଇଁ ଅଭିପ୍ରେତ।

ଯଥା:- ପୁରୁଷ- ''ନୁଆ ତାଟିଆରେ ଘିଅ

ସିତା ଠାକୁରାଣି ହ କାହାର ଝିଅ

କାହାର ଝିଅ ହ ଏହାର ଜବାବ ଦିଅ।''(୮୪)

ନାରୀ- ''ଅଡୁଆ ସୁତାର ଖିଅ

ସିତା ଠାକୁରାଣୀ ହ ଜନକ ଝିଅ

ଜନକ ଝିଅ ହ ଏହାର ଉତ୍ତର ନିଅ।''(୮୫)

ଏହିପରି ଭାବରେ ଗୀତଗୁଡ଼ିକ ଗାନ କରାଯାଉଥିବାବେଳେ ଉତ୍ତର ଦେଇ ଜ୍ଞାନ ପରୀକ୍ଷା ହୁଏ ଓ ଶେଷ ବେଳକୁ ପ୍ରତିଯୋଗିତା ଘମାଘୋଟ ହୋଇ ଗୋଟିଏ ଦଳ ଜିତିଯାଇଥାଏ।

ଏହିପରି ଗୀତ ମାଧ୍ୟମରେ ନିଜର ପରାଜୟ ସ୍ୱୀକାର କରିବା ପାଇଁ ବିଜୟ ପାଇଥିବା ଗୋଷ୍ଠୀ ହାରିଥିବା ଗୋଷ୍ଠୀକୁ ଗୀତ ମାଧ୍ୟମରେ ଆହ୍ୱାନ ଦିଏ –

''ପର୍ବତେ ନାଚେ ମୟୁର
ହାରିଗନି ବଲି ସିକାର କର
ସିକାର କର ହ ଆପେ ଚାଲିଜିବ ଘର।''[୮୬]

ଏହି ଧାଡ଼ିଗୁଡ଼ିକ ମଧ୍ୟରେ ବି ବାଥୁଡ଼ିମାନଙ୍କ ସାମାଜିକ, ସାଂସ୍କୃତିକ ସମ୍ପର୍କ ଗୋଷ୍ଠୀ, ଗ୍ରାମ ମଧ୍ୟରେ ବୃଦ୍ଧି ପାଇପାରିଥାଏ। ଏହା ସହ ସାମାଜିକ ସ୍ଥିତାବସ୍ଥାର ଚିତ୍ର ପୌରାଣିକ ଓ କିମ୍ବଦନ୍ତୀର ଚରିତ୍ର ସହ ମିଶାଇ ଏକ ସମନ୍ୱୟ ଆଣିପାରନ୍ତି ଏହି ଲୋକ କବିମାନେ। ଯଥା:-

ପୌରାଣିକ- "ଏକ ଦିନେ ବଂଶିଧାରି
ରାଧିକା ସୁନ୍ଦରି ହ ମନରେ କରି
ରାଧିକା ସୁନ୍ଦରି ହ ମନରେ କରି
ଦିନରେ ଗରିଆ ଧରି ଯେ ଗନେଇଁ ବାହାରି ।"

"ଦୁଇରେ ଦୁଇ ଦୁତିକା
ତାକୁ ପଚାରନ୍ତି ହ ଶ୍ରିକୁଷ୍ଣ ଏକା
ତାକୁ ପଚାରନ୍ତି ହ ଶ୍ରିକୁଷ୍ଣ ଏକା
ଶ୍ରିକୁଷ୍ଣ ଏକା ହ କାହିଁ ମ ସଖି ରାଧିକା ।"

"ତିନିରେ ତିନି ମିଶି କରନ୍ତି
କହ କଲାକାହ୍ନୁ ହ ଶୁଣ ମ ଦୁତି
କହ କଲାକାହ୍ନୁ ହ ଶୁଣ ମ ଦୁତି
ଶୁଣ ମ ଦୁତି ହ ଚାରିରେ କିସ ହୁଅନ୍ତି ।"

"ଚାରିରେ ଚତୁରି ରାମା
ଶ୍ରିମତି ସୁନ୍ଦରି ହ ଶଇଳଜେମା
ଶଇଳଜେମା ହ କିଏ ସେ ଦେଲା ଉପମା ।"

କିମ୍ବଦନ୍ତୀ- "ଜମ୍ବୁଦ୍ବୁପେ ନୃପବର
ବୁଝାଇ କହିବି ହ ମହିମା ତାର
ମହିମା ତାର ହ ରା ପୁତ୍ର ବିକ୍ରମ ବିର ।
ତାର ଯେଉଁ ପାଟରାଣି
ହିରାବତି ବଲି ହ ବିବେକାମିନି
ବିବେକାମିନି ହ କହିବି ତାର କାହାଣି ।
ବର୍ଷ ବର୍ଷ ବିତିଗଲା
ପୁତ୍ର କି ଦୁହିତା ହ କିଛି ନୁହିଲା
କିଛି ନୁହିଲା ହ ରାଜାଠି ରକ୍ତ ହଇଲା ।
ରାଜା ବଲଇ ଗ ରାଣି
ମହାଯଜ୍ଞ କୁଣ୍ଡ କରିବା ସ୍ଥିର
କରିବା ସ୍ଥିର ହ ପାପକୁ କରିବା ଦୁର ।
ଯଜ୍ଞ ଅନ୍ତେ ବେନିମାସ
ହିରାବତି ରାଣି ହ ଗର୍ଭଦିବସ
ଗର୍ଭଦିବସ ହ ରାଜା ହେଲେ ହସ ହସ ।"

**୫) ଖଞ୍ଜାଗୀତ :**

ଦୋଳିଗୀତକୁ ବି ଖଞ୍ଜାଗୀତ କୁହାଯାଏ। କିନ୍ତୁ ସବୁ ଦୋଳିଗୀତକୁ ଖଞ୍ଜାଗୀତ କୁହାଯାଏନାହିଁ। ଲୋକସାହିତ୍ୟ ବିଭାଗର ଲୋକଗୀତକୁ ଖଞ୍ଜି ଖଞ୍ଜି ଗାଇଲେ ମଧ୍ୟ ସବୁଗୀତ ଖଞ୍ଜାଗୀତ ନୁହେଁ। ନିର୍ଦ୍ଧିଷ୍ଟ ଗୀତକୁ ହିଁ ବାଥୁଡ଼ିମାନେ ଖଞ୍ଜାଗୀତ କହନ୍ତି। ଏହାକୁ ମଧ୍ୟ ପିଲାଡାଙ୍ଗୁଳିଆ, ଡାଳ ଭଙ୍ଗା ଓ ବାଦି ଗୀତ କୁହାଯାଏ। ଖଞ୍ଜାଗୀତ ବ୍ୟତୀତ ଅନ୍ୟଗୀତ ଯଥା:- ବିବାହ ଗୀତ, ବଡ଼ାମ ଗୀତ, ଶିଶୁଗୀତ ଇତ୍ୟାଦି ପିଢିରୁ ପିଢିକୁ ଗୀତର ପଂକ୍ତିଗୁଡ଼ିକ ଗଡ଼ି ଆସିଥାଏ, ଯଦିଓ କେତେକାଂଶରେ ପରିବର୍ତ୍ତନ ହୁଏ।

ଯଥା : ବିବାହ ଗୀତରେ –

''ନାଠିତ ନାଠି ବଳେଇ ବଇଁସି ନାଠି ନାଠି – ୨

ଝିଅର ମା ଗନ୍ଧା ଦେଉଛି – ୨

ଜା ରସେ ଜା' ରସ ଜା ଚାଲିଜାରେ।''(୮୭)

ଏହି ଗୀତ ପିଢ଼ିରୁ ପିଢି ଗଡ଼ି ଆସିଛି, ମାତ୍ର କେତେକାଂଶରେ ପରିବର୍ତ୍ତନ ହୋଇଯାଏ, ଯଦି ଅନ୍ୟ କେହି ସମ୍ପର୍କୀୟ ଗନ୍ଧାଦିଏ। ମା ବଦଳରେ ଝିଅର ପିଉସା, ଝିଅର ମାଉସୀ, ଇତ୍ୟାଦି ହୋଇଯିବ।

ସାଧାରଣତଃ ଖଞ୍ଜାଗୀତରେ ଯୁବକ ଓ ଯୁବତୀ ମଧ୍ୟରେ ଥଟ୍ଟା, ତାମସା, ପ୍ରଶ୍ନୋତ୍ତର ମାଧ୍ୟମରେ ପ୍ରେମ, ଅଭିମାନ, ରାଗରୁଷା ରହିଥାଏ। ଏଥିରେ ପ୍ରେମ ହିଁ ମୁଖ୍ୟ ଭୂମିକା ଗ୍ରହଣ କରେ।

''ଏ ଗୀତ ପଦଗୁଡ଼ିକ ମୁଖସ୍ତ କରାଯାଇ ନ ଥାଏ। ଯେତେବେଳେ ଗୋଟିଏ ପକ୍ଷରୁ ପଦେ ଗୀତ ଭାସି ଆସେ ଅପର ପକ୍ଷ ଏପରି ଏକ ପଦ ସଜା କରିବେ, ଯାହା କି ସେ ପଦକୁ ମୁକାବିଲା କରିପାରୁଥିବ। ଯଦି ପଦଟି ସେ ପଦକୁ ମୁକାବିଲା କରିପାରୁ ନଥିବ, ତେବେ ଗୀତ ଗାଇବାର ମର୍ଯ୍ୟାଦା ତଳେ ପଡ଼ିଗଲା ବୋଲି କୁହାଯାଏ।''(୮୮)

ଢାଙ୍ଗୁଳି ପକ୍ଷ – ''ହାଣିଗଲି କଣ୍ଟା ଗଛ

ତମେ ଭାଇମାନେ ହ ପାଠ ପଢ଼ିଛ

ପାଠ ପଢ଼ିଛ ହ ରଙ୍ଗେଇ କଥା କହୁଛ।''(୮୯)

ଢାଙ୍ଗୁଆ ପକ୍ଷ – ''ହଳ ନଙ୍ଗଳ ଭରସା

ଆମେ ଜାଣି ନାହିଁ ହ ପାଠର ଭାସା

ପାଠର ଭାସା ହ ମିଛ କର ନୁକ ହସା।

ପଢ଼ିଛ ବଲି ହ ଆମକୁ ମାରୁଛ ଗୁଲି।।''(୯୦)

ଏଭଳି କ୍ଷେତ୍ରରେ ସବୁବେଳେ ପରସ୍ପର ପ୍ରତି କଟାକ୍ଷ, ସମାଲୋଚନା କରି ପ୍ରତିଯୋଗୀ ମନୋଭାବ ପୋଷଣ ପରାଯାଏ। ତା'ଭିତରେ ପାରିପାର୍ଶ୍ୱିକ ଅବସ୍ଥା, ପ୍ରେମ, ସମାଜ ଚିତ୍ର ଓ ନିତିଦିନିଆ ଘଟୁଥିବା ଘଟଣାଗୁଡ଼ିକୁ ଗୀତରେ ପ୍ରକାଶିତ ହୁଏ।

ଦୋଳିଗୀତରେ ବ୍ୟବହୃତ ଛୋଟା ବା କମେଣ୍ଟ ଯାହା ଅପର ପକ୍ଷକୁ କଥା ମାଧ୍ୟମରେ ଏକ ତୀର ସଦୃଶ ବ୍ୟବହାର ହୁଏ। ଗୀତରେ ବ୍ୟବହୃତ ଛୋଟାଗୁଡ଼ିକ, ଯଥା:-

- ଟସର ଟୁପି, ଚାଲାକ୍ ମାରୁଛୁ ଟକି
- ରାଇ ଢେମେଣା, ମିଛରେ ଟେକିଛି ଫେଣା
- କୁଆଁରି ଜହ୍ନ କରିଦେଲ ଅପମାନ
- ନାଲି ମନ୍ଦାର ଦିସୁଛୁ କେଡ଼େ ସୁନ୍ଦର

''ରଜ ପର୍ବରେ ବିଭିନ୍ନ ଗ୍ରାମରେ ରଜ ଦୋଳି ଝୁଲିବା ଅବସରରେ ଢାଙ୍ଗୁଆ ଓ ଢାଙ୍ଗୁଳି ଗୀତ ମାଧ୍ୟମରେ ବାଜି ଲାଗିଥିବାର ଦେଖାଯାଏ। ଢାଙ୍ଗୁଆ ଢାଙ୍ଗୁଳି ଗୀତ ମାଧ୍ୟମରେ ବାଜି ଲାଗିଥିଲେ ଶୁଣିବାକୁ ମଜାଲାଗେ। ସେମାନେ ଏ ରଜପର୍ବରେ ପ୍ରାୟତଃ ମୁକ୍ତ ଆକାଶର ବିହଙ୍ଗ ପରି ଗୀତ ଗାଇବାକୁ ସୁଯୋଗ ପାଇଥାନ୍ତି। କାରଣ କର୍ମକ୍ଳାନ୍ତ ଜୀବନର ଅବସର ଏ ପର୍ବ ସମୟରେ ମିଳିଥାଏ। ରଜଦୋଳି ଝୁଲିବାକୁ ଗୋଟାଏ ଗ୍ରାମର ଢାଙ୍ଗୁଆ ବା ଢାଙ୍ଗୁଳି ଅନ୍ୟ ଗ୍ରାମକୁ ବୁଲି ଯାଇଥା'ନ୍ତି। ଏମିତି ବୁଲିବୁଲି ଦୋଳି ଝୁଲିବା ଅବସରରେ ସେମାନେ ନିଜ ଗ୍ରାମକୁ ଭୁଲିଯା'ନ୍ତି। ଏପରିକି ଦୂର ଗ୍ରାମକୁ ଯାଇଥିଲେ, ନିଜ ଗ୍ରାମକୁ ଫେରିଲା ବେଳକୁ ସାତ ଆଠ ଦିନ ଅତିବାହିତ କରିଥିବା ଜଣାଯାଏ। ଯେଉଁ ଗ୍ରାମରେ ଯାଇ ଦୋଳି ଝୁଲନ୍ତି, ସେମାନେ ସେହି ଗ୍ରାମର ଅତିଥି ହୋଇଯା'ନ୍ତି।''[୯୧] ଢାଙ୍ଗୁଆ ଦୋଳି ଖେଳିଲେ ଢାଙ୍ଗୁଳି ଦଳ ଦୋଳି ମୂଳକୁ ଚାଲିଆସନ୍ତି। ଢାଙ୍ଗୁଳି ଦଳ ଦୋଳିରେ ଝୁଲିଲେ ଢାଙ୍ଗୁଆ ଦଳ ଦୋଳି ଝୁଲାଇ ଦିଅନ୍ତି। ପରସ୍ପର ପ୍ରତି ଆକର୍ଷଣ, ପରମ୍ପରା ଓ ଆତିଥ୍ୟତାରେ ଦିନଗୁଡ଼ିକ ଅତିବାହିତ ହୋଇଯାଏ।

ପ୍ରଶ୍ନ ଉତ୍ତର ମୂଳକ ଦୋଳିଗୀତରେ ପ୍ରଶ୍ନ ଅନୁସାରେ ଉତ୍ତର ପ୍ରଦାନ କରିବାକୁ ତତ୍ପରତା ପ୍ରକାଶ ପାଏ। ପରସ୍ପର ନିଜକୁ ଅନ୍ୟ ନିକଟରେ ପରାଜୟ ବରଣ କରିବାକୁ ନିବୃତ୍ତ ରହିବାକୁ ଯଥା

ସାଧ୍ୟ ଗୀତ ମାଧ୍ୟମରେ ଚେଷ୍ଟା କରନ୍ତି। ଦୋଳିଗୀତରେ ଶେଷ ଦୁଇପଦ ମନର ଅଭିବ୍ୟକ୍ତି ପ୍ରକାଶିତ, ଏଥିରେ ସେ ପ୍ରକୃତି ଓ ଦୈନନ୍ଦିନ ଜୀବନର ଘଟଣା ପ୍ରବାହରେ ଦୃଶ୍ୟମାନ ଉପାଦାନ ଗୁଡ଼ିକୁ ଖଞ୍ଜିଥାଏ। ବାଥୁଡ଼ି ଦୋଳିଗୀତରେ ପୁଣି ପରସ୍ପର 'ସଙ୍ଗାତ' ରୂପେ ଅଭିହିତ କରିଥା'ନ୍ତି।

ଯଥା:- ''ଧାନକାଟି ଗନି ହେଲେ
ଦିଅନା ସଙ୍ଗାତ ହ ଦୁକ୍ତା କଲେ
ଦୁକ୍ତା କଲେ ହ ମାଗୁଛେଇଁ ଅତି ବିକଳେ।।''(୯୨)

'ସଙ୍ଗାତ' ସମ୍ବୋଧନ ବ୍ୟବହାର କରି ପରସ୍ପର ପ୍ରତି ସ୍ନେହ, ପ୍ରୀତି, ବନ୍ଧୁତ୍ୱଭାବ, ଅନୁରାଗ, ଅଭିମାନ ଓ ଶ୍ରଦ୍ଧାର ଅଙ୍କୁରଦ୍‌ଗମଟିଏ ସୃଷ୍ଟି କରିଦେଇଥାଆନ୍ତି।

ଖଞ୍ଜାଗୀତ କେବଳ ପୁରୁଷ ଓ ନାରୀ ଭିତରେ ପ୍ରତିଦ୍ୱନ୍ଦିତା ଆକାରରେ ଚାଲେ। ଏହି ଗୀତ ଗାଇବାକୁ ଝିଅ ବା ପୁଅ ଭିତରେ ପରସ୍ପର ନିଜକୁ ଚିହ୍ନିଥିବେ, ସେମିତି କୌଣସି କାରଣ ନାହିଁ। ଏହା ନିଜ ନିଜ ଗାଁର ପୁଅଝିଅ ଭିତରେ କ୍ୱଚିତ୍ ଦେଖାଯାଏ। ଅନ୍ୟ ଗାଁର ଝିଅ ପୁଅ ଆଉ ଗୋଟିଏ ଗାଁର ପୁଅ ଝିଅ ସହ ଖଞ୍ଜାଗୀତ ଗାନ କରିବାର ଚିତ୍ର ଦେଖିବାକୁ ମିଳେ । ଖଂଜାଗୀତକୁ କେହି ମନେ ରଖେନା। ଏହା ସ୍ୱତଃସ୍ଫୁର୍ତ୍ତଭାବେ ଚାଲିଆସେ କିମ୍ବା ମନେ ରଖିଥିବା ଗୀତକୁ ଦୋହରା ଯାଏନା। ବେଳେବେଳେ ଖଞ୍ଜାଗୀତରେ ଘୋଷାର ବା ଛୋଟାର ପ୍ରଚଳନ ଅଧିକ ମାତ୍ରାରେ ହୁଏ। ବିବାହ ଓ ଚାଙ୍ଗୁଗୀତ ମନେ ରଖି ଗାନ କରାଯାଏ ଏବଂ ଏହା ନିର୍ଦ୍ଦିଷ୍ଟ ସମୟରେ ହିଁ ଗାନ କରାଯାଏ, କିନ୍ତୁ ଖଞ୍ଜାଗୀତ ଗାଇବାର ପରମ୍ପରା ନିର୍ଦ୍ଦିଷ୍ଟ ନୁହେଁ। ବିବାହ, ବଡ଼ାମ ପୂଜା, ଉତ୍ସବ ଆଦି ଗୀତରେ ଶେଷରେ ଖଞ୍ଜାଗୀତ ଗାଇ ହୁଏ, କିନ୍ତୁ ଖଞ୍ଜାଗୀତ ଗାଇଲେ ଅନ୍ୟଗୀତ ଗାଇଁ ହୁଏନାହିଁ। ଗୀତ ମାଧ୍ୟମରେ ବି ପ୍ରେମର ପରୀକ୍ଷା ହୁଏ। ଏହା ଜଣକ ମନକଥା ଥିଲେ ବି ସାମୂହିକ ଭାବେ ପ୍ରକାଶ କରେ।

'ମୟୁରଭଞ୍ଜ ସଂସ୍କୃତିରେ ବାଥୁଡ଼ି ଜନଜାତି' ପୁସ୍ତକରେ ଶରତ ଚନ୍ଦ୍ର ନାୟକ କହନ୍ତି - ''ଯୁବକ, ଯୁବତୀର ମନ କିଣିବା ପାଇଁ ଓ ଯୁବତୀ, ଯୁବକର ଧୈର୍ଯ୍ୟ ଓ ଭଲପାଇବାକୁ ପରୀକ୍ଷା କରିବା ପାଇଁ ଏପରି ଗୀତ ଗାନ କରିଥାଏ। ବିବାହକାଳୀନ ଖର୍ଚ୍ଚ ତଥା ପରିପାଟୀ ସମ୍ମୁଖୀନ ହେବାକୁ

ଏଡାଇ ଦେଇ ଏହି ପ୍ରକାର ଯୁବକଯୁବତୀମାନେ ନିଜେ ନିଜର ଜୀବନ ସାଥିକୁ ଠିକ୍ ଭାବରେ ବାଛିନେଇ ପାରିଥା'ନ୍ତି। ଏହାକୁ ପୌରାଣିକ ଯୁଗର ସ୍ୱୟଂବର ସହ ଯଥାର୍ଥରେ ତୁଳନା କରାଯାଇପାରେ।''(୯୩)

ଏଭଳି ଗୀତ କେବଳ ଆଦିବାସୀଙ୍କ କ୍ଷେତ୍ରରେ ଘଟିଥାଏ ବୋଲି କୁଞ୍ଜବିହାରୀ ଦାଶଙ୍କ ମତବ୍ୟକ୍ତ କରନ୍ତି। ତାଙ୍କ ମତରେ – ''ଆଦିବାସୀଙ୍କ ଅବିବାହିତ ଯୁବକ ଓ ଅବିବାହିତା ଯୁବତୀମାନେ ଦଳବଦ୍ଧ ଭାବରେ ସମଗ୍ର ମାସଟି ନୃତ୍ୟଗୀତରେ କଟାଇ ଦିଅନ୍ତି। ଦଳେ ଯୁବକ ଓ ଦଳେ ଯୁବତୀଙ୍କ ଭିତରେ ଗୀତରେ ବଚସା ହୁଏ। ଯୁବକମାନେ ଗୀତ ଗାଇ ଯେଉଁ ଭାବ ପ୍ରକାଶ କରନ୍ତି, ତାକୁ ଯୁବତୀମାନେ ଗୀତରେ ଉତ୍ତର ଦିଅନ୍ତି। ଯୁବତୀମାନେ ମଧ୍ୟ ପ୍ରଶ୍ନ କରନ୍ତି ଏବଂ ଯୁବକମାନେ ଉତ୍ତର ଦିଅନ୍ତି। ଏପରି ସମଗ୍ର ଦିନ ଗୀତରେ ସ୍ରୋତ ଚାଲିଥାଏ। ଶେଷରେ ଏହି ପ୍ରତିଯୋଗିତା ବା ବଚସାରେ ଯେ ପରାସ୍ତ ହୁଏ, ସେ ହାର୍‌ମାନେ। ଅବିବାହିତ ଯୁବକମାନଙ୍କୁ ଧେଙ୍ଗଡ଼ା ଓ ଅବିବାହିତା ଯୁବତୀମାନଙ୍କୁ ଧେଙ୍ଗେଡ଼ି କୁହାଯାଏ। ଏ ଧେଙ୍ଗେଡ଼ା ଧେଙ୍ଗେଡ଼ି ଦଳଙ୍କ ବଚସା ପ୍ରକାଶ୍ୟ ଭାବରେ ହୁଏ। ଲୋକେ ଏଥିରେ ଆନନ୍ଦ ଉପଭୋଗ କରନ୍ତି ଏବଂ କବିତାର ପଦଯୋଜନ, ଛଟା ଓ ଭାବ ଅନୁସାରେ ପ୍ରଶଂସା ମଧ୍ୟ କରନ୍ତି। ଆଦିବାସୀଙ୍କ ଛଡ଼ା ଅନ୍ୟ ଜାତିମାନଙ୍କ ଭିତରେ ଏହି ରୀତିର ଗୀତ ବୋଲା ଯାଉଥିବା ଦେଖାଯାଏ ନାହିଁ।''(୯୪)

ଦରିଦ୍ରର ପ୍ରେମ ପ୍ରତି ଆକ୍ଷେପ –

''ସୁଜୁନା ଗଛର ଅଗ
ତତେ ମିଳଇ ନାହିଁ ଛିଳା କପଲା
ଛିଳା କପଲା ହ ମତେ ଯାଚୁଅଛେ ମଠା''

ବିରହ ବେଦନା –

''କରିଥିବି ଗଲା ମାଳି
ଯଉଦିନ ଗଲ ଗଳାରୁ ଗଳି
ଗଳାରୁ ଗଳି ହ ମନ ହୁଅଇ ଗଳି ମାଳି।''(୯୫)

ଦରିଦ୍ରର ଚିତ୍ର –

‘ନିତି ଯାଉଁ ନିତି ଖାଉଁ
ଦିନେ ନାଇଁ ଗନେ ହ ଉପାସେ ରହୁଁ
ଉପାସେ ରହୁଁ ହ ଭାଡି ତଳେ ଗଡୁଥାଉଁ।’’(୯୬)

ବିଚ୍ଛେଦର ଚିତ୍ର –

‘‘ତୁମ ଆମର ଯଉ ଭାବ
ଏ ଭାବ ଛଡ଼ାଇ ହ ନେଲା ଦଇବ
ନେଲା ଦଇବ ହ ଧରମ କେତେ ସହିବ।’’(୯୭)

ଅଭିସାର ରଚନା ନିମନ୍ତେ ପ୍ରୟାସ –

‘‘ସେ କଥା ଛାଡ ଏଣିକି
ଦିଅ କଳସି ହ ଯିବା ପାଣିକି
ଯିବା ପାଣିକି ହ ବଡ଼ ମାଛ ଧରିକି।’’(୯୮)

ବାପା ମା’ ସ୍ନେହରେ ପରିପାଳିତ ସନ୍ତାନ ପ୍ରତି –

‘‘ବାଲିରେ ଫୁଟିଛି ଫୁଲ
ତର୍ ମା ବାପ ହ ବହୁତ ଗେହ୍ଲା।
ବହୁତ ଗେହ୍ଲା ହ ତତେ କରିଛନ୍ତି ଗେହ୍ଲା।’’(୯୯)

ଦୁର୍ବଳ ପୁରୁଷ ପ୍ରତି –

‘‘କୁଲାରେ କାଟିନି ତରୁ
ଭୁଇଁରେ ପଡ଼ିନେ ହ ଟେକି ନ ପାରୁ
ଟେକି ନ ପାରୁ ହ ଶୁଖିଲା ସାହସ କରୁ।’’(୧୦୦)

ମୃତ୍ୟୁ ପାଇଁ ଦୋଳିଗୀତ –

''ବାଇଗଣ ଦରଭଜା
ଆଇଛି ଜୀବନ ହ ଏ କେଡେ ମଜା
ଏ କେଡେ ମଜା ହ ନେଇ ଯିବ ଜମ ରଜା।''(୧୦୧)

ବଧୂର ଅବଶୋଷ -

''କାଠ ବନ୍ଧା ଦଉଳାକୁ
ମନ ହେଇଥିଲା ହ ପାଠୁଆଟାକୁ
ପାଠୁଆଟାକୁ ହ ବାପା ଦେଲା ମୁରୁଖଟାକୁ।''(୧୦୨)

ଆଞ୍ଚଳିକତାକୁ ପ୍ରାଧାନ୍ୟ -

''କରଞ୍ଜ କାଠଫାଳିଆ
ବେଳ ବସିଗଲା ଜାମୁନାଳିଆ
ଜାମୁନାଳିଆ ହ ଆସିନୁ ସଂଜବେଳିଆ।''(୧୦୩)

''ଝଟୁଆକୁ ଦେଲି ରାଞ୍ଜି
ଗିତ ଚାଲିଗଲା ମୟୁରଭଞ୍ଜି
ମୟୁରଭଞ୍ଜି ହ ଚାଲି ଚାଲି ହେବ ସଞ୍ଜି।''(୧୦୪)

ଭାଗ୍ୟର ଦୋଷ -

''ଆହାରେ କରମ ଦସା
ଯେ ଫଳ ଧଇଲି ସେ ଫଳ କସା
ସେ ଫଳ କସା ହ ହଇଗଲି ନୁକ ହସା।''(୧୦୫)

ମୁଖରା ଶାଶୁର ଅସହିଷ୍ଣୁତା -

''କୁକୁଳି ପତର ଆଂଶୁ
ଭଲ ଘର ବଲି ଦେଲେ ଯେ ବାପା
କାଲି କେଉଟୁଣି ଶାଶୁ।''(୧୦୬)

ଭାଇଂକ ସୌଭାଗ୍ୟ ଓ ମଙ୍ଗଳ କାମନା –

‘‘ରଙ୍ଗି ଧାର କେରି କେରି
ମ ଭାଇ ମୁଣ୍ଡରେ ସୁନା ଝିଞ୍ଜିରି
ଭଗାରି ମରିବେ ଝୁରି ।’’[୧୦୭]

ଦାମ୍ପତ୍ୟ କଳହ ପରେ ଧମକ –

‘‘ନଈର ପଚା ପଥର
ମାଡ ଖାଇ ଖାଇ ଦିହ କାତର
ମାଗୁଛି ଛାଡ଼ପତର ।’’[୧୦୮]

ଦୁଇଭାଇର ସ୍ନେହ –

‘‘କଇଁଚ କାଠ ଫାଳିଆ
ଆମେ ଦୁଇ ଭାଇ ରୁପା ଭଳିଆ
କଟକ ଦରବାରିଆ ।’’[୧୦୯]

ପରପୁରୁଷ ପ୍ରତି ମନକୁ ନିବୃତ୍ତ କରିବା –

‘‘ଆହା ମ କିଆ କେତକି
ଦାରୁ ପରା ଦିହ ଗଲା ଝଳିକି
ଧିକ୍ ଏ ଛାର ପିରତି ।’’[୧୧୦]

ପ୍ରେମର ଚିତ୍ର –

‘‘ସଲକର ନୁଆଁ ସାରା
ନୟନ ବିଜୁଳି ହ ତ ଆଁଖି ଠାର
ତ ଆଁଖି ଠାର ହ ତ ଆଖିଁ ଠାର
ତ ଆଁଖି ଠାର ହ ମନ ବଢ଼ିଗଲା ମର ।’’[୧୧୧]

ମାତା ବିହୁନେ ଦୁଃଖ –

ହୃଦ ମନ କଥା ହ କହିବି କାଇଁ
କହିବି କାଇଁ ହ ଗ୍ରଭଧାରି ମାତ ନାଇଁ।।''(୧୧୨)

ପୁତ୍ର ବିହୁନେ ଦୁଃଖ –

''ଫାଟି ଜାଉଅଛି ବୁକୁ
କିଏ ଆଣିଦେବ ହ ପ୍ରାଣଧନକୁ
ପ୍ରାଣଧନକୁ ହ ରାଇଜବାଲି ଦେବି ତାକୁ।''(୧୧୩)

ପୁତ୍ର ପ୍ରତି ଅଣଦେଖା –

''ବାପା ଗ ପିତା ମହର
ଘରୁ ଘାଉଡାଲି ଜା ହେଲି ଭାଆର
ହେଲି ଭାଆରଲ ଆଉକି ଆସିବି ଘର।।''(୧୧୪)

## ଘ) ଶିଶୁଗୀତ :

ଇଂରାଜୀରେ ଏହାକୁ Nursery Song ବା Nursery Ryhmes କୁହାଯାଏ। ଓଡ଼ିଆରେ ଏହା ନାନାବାୟାଗୀତ ଭାବରେ ଜଣାଶୁଣା। ଖୁଆଇବା, ଶୁଆଇବା, ବୁଝାଇବା, ଖେଳାଇବା ସମୟରେ ଏସବୁ ଗୀତର ପ୍ରୟୋଜନ ହୋଇଥାଏ। କିଛି ଗୀତ ବୟସ୍କମାନେ ଶିଶୁମାନଙ୍କୁ ଶୁଣେଇଥା'ନ୍ତି ଆଉ କିଛି ଗୀତ ଶିଶୁ ନିଜେ ଆପେ ଆପେ ଶିଖି ଗାଇଥାଏ।

ବୟସ୍କ ବୃଦ୍ଧ ଓ ବୃଦ୍ଧା ସେମାନଙ୍କ ନାତିନାତୁଣୀଙ୍କୁ ବର୍ଷା ସମୟରେ କିଛି ଗୀତ ଶିଖେଇ ଗାଇବାକୁ କହନ୍ତି। ଏମିତି ବି ଶିଶୁମାନେ ବର୍ଷାକୁ ଦେଖି ଆତ୍ମବିହ୍ୱଳ ହୋଇଉଠନ୍ତି। ଏହିଗୀତ ସେମାନଙ୍କୁ ଆଉଟିକେ ଉଲ୍ଲସିତ କରିଦିଏ।

ବର୍ଷାର ଆବଶ୍ୟକତା ନଥିଲେ ଶିଶୁମାନେ ଗାଆନ୍ତି –

''ଇଁନ୍ତିକଟିଏ କୁଲେଇ
ନେଇ ଯା ମେଘ ବୁଲେଇ
ଖାଇ ଖାଇଲା ନୁଣିଆଁ ମାଟି
ନେଇ ଯା ମେଘ ଝାଟିପିଟି
ଏଡିକଟେ ସିଲ୍‌ପୁତା
ନେଇ ଯା' ମେଘ କଲିକତା।''(୧୧୫)

ବର୍ଷା ପାଇଁ –

''ଜଡା ପତର ନାଳି
ଆଇ ମେଘ ତାଳି।''(୧୧୬)

ଖରା ଓ ବର୍ଷା ଏକ ସମୟରେ ହେଲେ ସେମାନଙ୍କ ବିଶ୍ୱାସ ଯେ ମାଙ୍କଡ଼ ମାମୁଁ ବାହାହୁଏ। ସେମାନେ ଗାଆନ୍ତି –

''ଖରା ଦଉଛି ବର୍ଷା ଦଉଛି

ବଡ଼ାମ ବୁଢ଼ା ବାହା ହଉଛି

ଖରା ଦେଉଛି ମେଘ ଦେଉଛି

ମାକଳ ମାମୁଁ ବାହା ହେଉଛି।''(୧୧୭)

ଡ. ଦ୍ୱାରିକା ନାଥ ନାୟକ ଏଭଳି ଗୀତ ସମ୍ପର୍କରେ କହନ୍ତି – ''ଅଝଟ ଓ କାନ୍ଦୁଥିବା ଶିଶୁକୁ ବୁଝାଇବା ଏବଂ ତା'ର ମନ ଭୁଲାଇବା ପାଇଁ ମା, ଭଉଣୀ ବା ଅନ୍ୟ ପରିବାରବର୍ଗ, ଯେଉଁ ଗୀତଗୁଡ଼ିକର ଆଶ୍ରୟ ନେଇଥା'ନ୍ତି ବା କାନ୍ଦୁଥିବା ଶିଶୁକୁ ଆୟତ କରିବା ପାଇଁ ଯେଉଁ ସବୁ ଗୀତ ଗାନ କରାଯାଏ, ସେହି ସମସ୍ତ ଗୀତକୁ 'ଶିଶୁଗୀତ' କୁହାଯାଇଥାଏ। ଶିଶୁମାନଙ୍କ ବିଭିନ୍ନାବସ୍ଥାରେ, ଯଥା: ଭାତ ବା ଯେ କୌଣସି ଖାଦ୍ୟ ଖୁଆଇବା, ଖେଳାଇବା, ଶୁଆଇବା, ବୁଝାଇବା ଆଦି ଉପକ୍ରମବେଳେ ଶିଶୁଗୀତ ଗାନ କରାଯାଏ।''(୧୧୮)

କିଛି ଶିଶୁଗୀତ ଅଛି, ଯାହା ଖେଳିବା ସମୟରେ ନିଜେ ନିଜେ ଶିଶୁମାନେ ଗାଇଥା'ନ୍ତି। ଏହି ପ୍ରକାର ଶିଶୁ ୫ରୁ୧୪ବର୍ଷ ମଧ୍ୟରେ ହୋଇଥା'ନ୍ତି। ଏହି ଗୀତଗୁଡ଼ିକ ସାଧାରଣତଃ ଖେଳିବାର ଆରମ୍ଭ ପୂର୍ବରୁ ଜଣେ ଚୋର ପାଇଁ ପ୍ରୟୋଜନ ହୋଇଥାଏ। ଯଥା:-

''ଅକଡ ବକଡ ବମ୍ବେ ଦ

ଅସି ନବେ ପୁରେ ସ

ସ ମେଲଗା ଧାଗା ଚର୍ ନିକଲ କର ଭାଗା।''(୧୧୯)

''ଉବୁ ଦସ ୨୦, ୩୦, ୪୦,୫୦, ୬୦,୭୦,୮୦,୯୦,୧୦୦

୧୦୦ ୧୦୦ ମିଶିଗଲା ପ୍ରଜାପତି ଉଡ଼ିଗଲା

ମା' କହିଲା ଘରେ ଥା ବାପା କହିଲା ଘରୁ ବାହାରି ଯା'

''ଅନମଲ୍ ଢେଙ୍ଗିଢଲ

ଇସ୍କନାଗର କହିଦେଇଛି ଏଇ ପିଲାଟି ଚୁର।''(୧୨୦)

''ନଡ଼ିଆ ଗଛ ଧାଡ଼ି କି ଧାଡ଼ି

ସିଆଡ଼ୁ ଆସିଲା ଟ୍ରେନ୍ ଗାଡ଼ି

ଟ୍ରେନ୍ ଗାଡ଼ିରେ ବହୁତ ନୁକ

ମଦ ପିଇ ଥିନେଇ ଢକ୍ ଢକ୍

ଚାହାଚିନି ବିସ୍କୁଟ ଏଇ ପିଲାଟି ଭେରି ଗୁଡ୍।''[୧୨୧]

''ଇଟୁ ମିଟୁ ପଟାଟୁ କିସ ଖାଇବୁ କହ ଆଳୁଚପ୍

ଆ - ଳୁ - ଚ - ପ।''[୧୨୨]

''ଇକ୍‌ମିକ୍ ଚଲା ଚିକ୍

କାହାକୁ ନବୁ କହ କିକ୍।''[୧୨୩]

ଚକ୍ରଧର ମହାପାତ୍ର 'ଶିଶୁଗୀତ'କୁ 'ଛୁଆ ଭୁଲାଣିଆ ଗୀତ' କହିଛନ୍ତି। ଗୋପାଳଚନ୍ଦ୍ର ପ୍ରହରାଜଙ୍କ ମତରେ ଏହା ନାନାବାୟାଗୀତ, ହିନ୍ଦୀରେ ଏହା ଲୋରୀ ବା ପାଲ୍‌ନେକା ଗୀତ, ଇଂରାଜୀରେ କ୍ରେଡେଲ୍ ସଙ୍ଗସ୍ ବା ନର୍ସରୀ ରାଇମ୍‌ସ, ପଶ୍ଚିମ ଓଡ଼ିଶାରେ 'ଛୁଆଭୁର୍‌ଥା ଗୀତ' ମନୀନ୍ଦ୍ର କୁମାର ମହାନ୍ତିଙ୍କ ମତରେ 'ମିଆଗୀତ' ଅଥବା 'ଶିଶୁବହଲା ଗୀତ' ଭାବରେ ଜଣାଶୁଣା।

କାହିଁ କେଉଁ କାଳରୁ ଶିଶୁକୁ ଶାନ୍ତ କରିବାକୁ, ତାକୁ ବୁଝେଇବାକୁ ବିଭିନ୍ନ ଗୀତକୁ ମାଧ୍ୟମ କରାଯାଏ। ଏହି ଗୀତଗୁଡ଼ିକ ସାଧାରଣତଃ 'ମା' ଏହାର ସ୍ରଷ୍ଟା ହେଲେ ବି ଅଧିକାଂଶ କ୍ଷେତ୍ରରେ ଜେଜେମା'ମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥା'ନ୍ତି। ମା'ଅପେକ୍ଷା ଅବସର ବିନୋଦନ ପାଇଁ ଜେଜେ ବାପା, ଜେଜେ ମା'ମାନେ ନାତିନାତୁଣୀସହ ଖେଳିବାକୁ ଭଲପା'ନ୍ତି ଓ ଅଧିକ ସମୟ ପାଆନ୍ତି।

ମା' କିମ୍ବା ଜେଜେମା' ଖୋଇଦେଲାବେଳେ, ଶୁଆଇଲାବେଳେ, ଗେଲ କଲାବେଳେ, ବୁଲାଇଲାବେଳେ ନାନା କିସମର ଗୀତ ଗାଏ। ''ଶିଶୁ ସହଜ ତଥା ସରଳ ବିଶ୍ୱାସୀ। ତା'ମନ

ଭିତରେ ରାଜ୍ୟରେ ସବୁ ଘଟିପାରେ। ଅସମ୍ଭବ ହୁଏ ସମ୍ଭବ। ସେ ନିର୍ଜିବକୁ ଜୀବନ୍ତ ମନେକରେ। କପୋଳକଳ୍ପିତ କାହାଣୀକୁ ନିରାଟ ସତ୍ୟ ଘଟଣାବୋଲି ଭାବେ। ଶିଶୁ କବିତାରେ ଆମୂଳଚୂଳ କୌଣସି ଧାରାବାହିକତା ନାହିଁ। ଭାବନା ତା'ର ଅସଂଲଗ୍ନ। ମନକୁ ଯା' ଆସେ ଗାଏ।''(୧୨୪)

# ପ୍ରାନ୍ତଟୀକା


୧) ଗାଁଣ, ଡ. ଅନାଦି ଚରଣ, 'ଲୋକ ସାହିତ୍ୟର ରୂପରେଖ', ମିତା ବୁକ୍‌ସ ବାଙ୍କା ବଜାର, କଟକ, ୨ୟ ସଂ.୨୦୧୩, ପୃ.୪୯।

୨) ମହାପାତ୍ର, ଶ୍ରୀ ଚକ୍ରଧର, 'ଉତ୍କଳ ଗାଉଁଲି ଗୀତ', ପ୍ରକାଶିକା - ଶ୍ରୀମତୀ ସୁରମା ମହାନ୍ତି, ତେଲେଙ୍ଗା ବଜାର, କଟକ, ୨ୟ ସଂ - ୧୯୭୧, ପୃ.୧।

୩) ପାଢ଼ୀ, ଅଞ୍ଜଳୀ, 'ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା' (ସଂ) ପସାୟତ, ପସାୟତ

୪) ପସାୟତ, ଚିତ୍ରସେନ, 'ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା', ସାହିତ୍ୟ ଏକାଦେମୀ, ରବୀନ୍ଦ୍ର ଭବନ, ଫିରୋଜଶାହ ରୋଡ୍, ନୂଆଦିଲ୍ଲୀ, ୧ମ ପ୍ରକାଶ ୨୦୦୭, ପୃ.୨୦।

୫) 'ଅଠର ଦେଉଳ' (ପତ୍ରିକା), ପ୍ରକାଶ କାଳ - ୨୦୦୩, ପୃ.୧୦।

୬) ସଂଗୃହିତ ଗ୍ରାମ - କପଣ୍ଡ।

୭) ନାଏକ, କୈବଲ୍ୟ, ନାଏକ ଧନୁ ପ୍ରମୁଖ - ଗ୍ରାମ - କପଣ୍ଡ।

୮) ତତ୍ରୈବ।

୯) ତତ୍ରୈବ।

୧୦) ତତ୍ରୈବ।

୧୧) 'ଅଠର ଦେଉଳ' (ପତ୍ରିକା), ପ୍ରକାଶ କାଳ - ୨୦୦୩, ପୃ.୧।

୧୨) ପ୍ରହରାଜ, ଗୋପାଳଚନ୍ଦ୍ର 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ', ଉତ୍କଳ ସାହିତ୍ୟ ପ୍ରେସ୍ , କଟକ, ପ୍ରକାଶ କାଳ-୧୯୩୧, ପୃଷ୍ଠା-୩୦୯୦ ।

୧୩) ମିଶ୍ର, ଚକ୍ରଧର, 'ବଡ଼ାମ ପୁରାଣ', ସଂ. ଗୌରହରି ନାଏକ, ପୃ.୨।

୧୪) ନାଏକ, ମିଥୁନ, ନାଏକ ବିଦାର ପ୍ରମୁଖ, ସଂଗୃହିତ ଗ୍ରାମ - ଦୁବେଇ ପେଣ୍ଠ, କେନ୍ଦୁଝର।

୧୫)  ନାଏକ, ଶ୍ରୀମତୀ ସୁକାନ୍ତି, ସଂଗୃହିତ ଗ୍ରାମ - ଦୁବେଇ ପେଣ୍ଠ, କେନ୍ଦୁଝର।

୧୬)  ତତ୍ରୈବ।

୧୭)  ତତ୍ରୈବ।

୧୮)  ନାଏକ ଅମୃତି, ସଂଗୃହିତ ସ୍ଥାନ - ତେଲିପଡ଼ା, କେନ୍ଦୁଝର।

୧୯)  ତତ୍ରୈବ।

୨୦)  ତତ୍ରୈବ।

୨୧)  ନାଏକ, କାନ୍ଦିରି, ସଂଗୃହୀତ ସ୍ଥାନ - ଅଲକୁଦୁରୁ, ମୟୁରଭଞ୍ଜ।

୨୨)  ନାଏକ ଝୁମି, ସଂଗୃହୀତ ସ୍ଥାନ - ମାଟିଆଗୁନି, କେନ୍ଦୁଝର।

୨୩)  ତତ୍ରୈବ।

୨୪)  ତତ୍ରୈବ।

୨୫)  ନାଏକ, କବିତା, ସଂଗୃହୀତ ସ୍ଥାନ - ମିରିଗିନୋଣ୍ଡି, ଭୟୁରଭଞ୍ଜ।

୨୬)  ତତ୍ରୈବ।

୨୭)  ତତ୍ରୈବ।

୨୮)  ତତ୍ରୈବ।

୨୯)  ତତ୍ରୈବ।

୩୦)  ନାଏକ, ସୁମତି, ସଂଗୃହୀତ ସ୍ଥାନ - ପିଙ୍ଗୁ, ମୟୁରଭଞ୍ଜ।

୩୧)  ତତ୍ରୈବ।

୩୨)  ତତ୍ରୈବ।

୩୩)  ତତ୍ରୈବ।

୩୪)  ନାଏକ, ରାହାସ, ସଂଗୃହୀତ ସ୍ଥାନ - ଅଖାପଲାଣ, ମୟୁରଭଞ୍ଜ।

୩୫) ତତ୍ରୈବ।

୩୬) ତତ୍ରୈବ।

୩୭) ତତ୍ରୈବ।

୩୮) ତତ୍ରୈବ।

୩୯) ତତ୍ରୈବ।

୪୦) ତତ୍ରୈବ।

୪୧) ନାଏକ ମିନୁ, ସଂଗୃହୀତ ସ୍ଥାନ - ତଣ୍ଡୋ, କେନ୍ଦୁଝର।

୪୨) ତତ୍ରୈବ।

୪୩) ନାଏକ, ତପସ୍ୱିନୀ, ଗଂଗୃହୀତ ସ୍ଥାନ - ବାଲିତୋଟା, କେନ୍ଦୁଝର।

୪୪) ତତ୍ରୈବ।

୪୫) ତତ୍ରୈବ।

୪୬) ସିଂହ, ଡ. ବୀଣାପାଣୀ, 'ଲୋକସାହିତ୍ୟ ଏକ ଅଧ୍ୟୟନ' ବିଦ୍ୟାପୁରୀ, ବିନୋଦ ବିହାରୀ, କଟକ, ୧ମ ପ୍ରକାଶ - ୨୦୧୨, ପୃ.୪୦।

୪୭) ଦାସ, କୁଞ୍ଜବିହାରୀ, 'ଓଡ଼ିଶା ଲୋକଗୀତ ଓ କାହାଣୀ', ପୃ.୭୬-୭୭।

୪୮) ତତ୍ରୈବ, ପୃ.୭୫।

୪୯) ନାଏକ, ମାମିନା, ସଂଗୃହୀତ ସ୍ଥାନ - ଗଣ୍ଡବେଡ଼ା, କେନ୍ଦୁଝର।

୫୦) ତତ୍ରୈବ।

୫୧) ତତ୍ରୈବ।

୫୨) ତତ୍ରୈବ।

୫୩) ତତ୍ରୈବ।

୫୪) ନାୟକ, ଡ. ରାଜକିଶୋର ‘ଅଠର ଦେଉଳ’ (ପତ୍ରିକା) ପ୍ରକାଶ କାଳ - ୨୦୦୧, ପୃ.୨୫।

୫୫) ଦାଶ, କୁଞ୍ଜବିହାରୀ, ‘ଓଡ଼ିଆ ଲୋକଗୀତ ଓ କାହାଣୀ’, ପୃ.୨୬୯।

୫୬) ନାଏକ ହରିଦ୍ରା, ସଂଗୃହୀତ ସ୍ଥାନ - ଡୁମୁରିଡିହା, ମୟୁରଭଞ୍ଜ।

୫୭) ତତ୍ରୈବ।

୫୮) ତତ୍ରୈବ।

୫୯) ତତ୍ରୈବ।

୬୦) ତତ୍ରୈବ।

୬୧) ତତ୍ରୈବ।

୬୨) ତତ୍ରୈବ।

୬୩) ତତ୍ରୈବ।

୬୪) ତତ୍ରୈବ।

୬୫) ତତ୍ରୈବ।

୬୬) ଦାଶ, କୁଞ୍ଜବିହାରୀ, ‘ଓଡ଼ିଆ ଲୋକଗୀତ ଓ କାହାଣୀ’, ପୃ.୨୫୦।

୬୭) ନାଏକ, ନେଉଳ, ନାଏକ କୁଶ (ପ୍ରମୁଖ), ସଂଗୃହୀତ ସ୍ଥାନ-ଦୁବେଇ ପେଣ୍ଠ, କେନ୍ଦୁଝର।

୬୮) ତତ୍ରୈବ।

୬୯) ତତ୍ରୈବ।

୭୦) ନାଏକ, ସଇତ, ସଂଗୃହୀତ ସ୍ଥାନ - ଦୁବେଇ ପେଣ୍ଠ, କେନ୍ଦୁଝର

୭୧) ତତ୍ରୈବ।

୭୨) ତତ୍ରୈବ।

୭୩) ତତ୍ରୈବ।

୭୪) ତତ୍ରୈବ।

୭୫) ତତ୍ରୈବ।

୭୬) ତତ୍ରୈବ।

୭୭) ନାୟକ, ଶରତ ଚନ୍ଦ୍ର 'ମୟୁରଭଞ୍ଜ ସଂସ୍କୃତିରେ ବାଥୁଡ଼ି ଜନଜାତି', ମେଘାସନୀ ପବ୍ଲିକେସନ୍ସ - ବାରିପଦା, ୧ମ ସଂ-୨୦୧୩, ପୃ.୨୫

୭୮) ତତ୍ରୈବ, ପୃ.୨୬

୭୯) ତତ୍ରୈବ, ପୃ.୨୭।

୮୦) ତତ୍ରୈବ, ପୃ.୨୭।

୮୧) ତତ୍ରୈବ, ପୃ.୨୮।

୮୨) ନାଏକ, ସାପ, ନାଏକ ନକୁଳ ପ୍ରମୁଖ, ସ୍ଥାନ - ଜାମୁଦା, କେନ୍ଦୁଝର।

୮୩) ତତ୍ରୈବ।

୮୪) ତତ୍ରୈବ।

୮୫) ତତ୍ରୈବ।

୮୬) ତତ୍ରୈବ।

୮୭) ନାଏକ, ପୁକ, ସ୍ଥାନ - ରିମିଲିଡିହା, ମୟୁରଭଞ୍ଜ।

୮୮) ନାଏକ, ଶରତ ଚନ୍ଦ୍ର 'ମୟୁରଭଞ୍ଜ ସଂସ୍କୃତିରେ ବାଥୁଡ଼ି ଜନଜାତି', ପୃ.୩୧ ।

୮୯) ନାଏକ, ବାଙ୍କି, ସ୍ଥାନ - ହଳଦୀ ବଟା, କେନ୍ଦୁଝର।

୯୦) ତତ୍ରୈବ।

୯୧) ନାୟକ, ଡ.ରାଜକିଶୋର, 'ଅଠର ଦେଉଳ' (ପତ୍ରିକା) ପ୍ରକାଶ କାଳ - ୨୦୦୧, ପୃ.୨୫।

୯୨) ନାଏକ ଚମ୍ପା, ସ୍ଥାନ - ଶରଧା, କରଞ୍ଜିଆ।

୯୩) ନାୟକ, ଶରତଚନ୍ଦ୍ର 'ମୟୁରଭଞ୍ଜ ସଂସ୍କୃତିରେ ବାଥୁଡ଼ି ଜନଜାତି', ପୃ.୩୦।

୯୪) ଦାଶ, କୁଞ୍ଜବିହାରୀ, 'ଓଡ଼ିଆ ଲୋକଗୀତ ଓ କାହାଣୀ', ବିଶ୍ୱଭାରତୀ, ଶାନ୍ତିନିକେତନ, ଓଡ଼ିଆ ଗବେଷଣା ବିଭାଗ, ପ୍ରଥମ ପ୍ରକାଶ-୧୯୫୮, ପୃଷ୍ଠା-୧୧୦।

୯୫) ସେନାପତି, କୁମୁଦିନୀ, ସ୍ଥାନ, ପାଟବିଲ, ମୟୁରଭଞ୍ଜ।

୯୬) ତତ୍ରୈବ।

୯୭) ତତ୍ରୈବ।

୯୮) ତତ୍ରୈବ।

୯୯) ତତ୍ରୈବ।

୧୦୦) ତତ୍ରୈବ।

୧୦୧) ତତ୍ରୈବ।

୧୦୨) ତତ୍ରୈବ।

୧୦୩) ତତ୍ରୈବ।

୧୦୪) ତତ୍ରୈବ।

୧୦୫) ତତ୍ରୈବ।

୧୦୬) ନାଏକ, ମିନା, ସ୍ଥାନ - ରେଙ୍ଗାଲବେଡା, କେନ୍ଦୁଝର।

୧୦୭) ତତ୍ରୈବ।

୧୦୮) ତତ୍ରୈବ।

୧୦୯) ତତ୍ରୈବ।

୧୧୦) ତତ୍ରୈବ।

୧୧୧) ତତ୍ରୈବ।

୧୧୨) ତତ୍ରୈବ।

୧୧୩) ତତ୍ରୈବ।

୧୧୪) ତତ୍ରୈବ।

୧୧୫) ତତ୍ରୈବ।

୧୧୬) ନାଏକ, ଝୁମି; ସ୍ଥାନ - ସରଭାଡ଼ି, ମୟୁରଭଞ୍ଜ।

୧୧୭) ତତ୍ରୈବ।

୧୧୮) ନାୟକ, ଡ. ଦ୍ୱାରିକା ନାଥ, 'ସମ୍ବଲପୁରୀ ଲୋକଗୀତରେ ସମାଜ ଜୀବନର ସ୍ୱରୂପ' ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ କଟକ, ୧ମ ପ୍ରକାଶ - ୧୯୯୮, ପୃ.୫୯।

୧୧୯) ମଢେଇ, ମକୁରୁ, ସ୍ଥାନ - ତାଟୋ, ମୟୁରଭଞ୍ଜ।

୧୨୦) ତତ୍ରୈବ।

୧୨୧) ତତ୍ରୈବ।

୧୨୨) ତତ୍ରୈବ।

୧୨୩) ତତ୍ରୈବ।

୧୨୪) ସିଂହ, ଡ.ବୀଣାପାଣି, 'ଲୋକସାହିତ୍ୟ ଏକ ଅଧ୍ୟୟନ', ପୃ.୫୬।